ଧରିତ୍ରୀ
DHARITRI
July 20-26, 2025 ₹2/-

ଧରିତ୍ରୀ
DHARITRI
51
Years

# ଛୁଟିଦିନ



ଦାୟିତ୍ୱ ନେବା ସବୁବେଳେ ସମସ୍ତଙ୍କ ପାଇଁ ସହଜ ହୋଇ ନ ଥାଏ। ଯେଉଁଥିପାଇଁ ସଂଘର୍ଷ ସହ ତ୍ୟାଗ ବି ଲୋଡା। ଏଇ ଯେମିତି ଘର ପରିବାର ସମ୍ଭାଳୁଥିବା ନାରୀ ବି ପରିସ୍ଥିତି ପଡ଼ିଲେ ପୁରୁଷ ପ୍ରଧାନ କାର୍ଯ୍ୟ ଆପଣେଇ ବେଶ୍ ସୁନ୍ଦରଭାବେ ପରିବାରର ଦାୟିତ୍ୱ ନେଇପାରନ୍ତି...

# ଦାୟିତ୍ୱ

୩ ପ୍ରଚ୍ଛଦ ପ୍ରସଙ୍ଗ

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୨୦-୨୬, ୨୦୨୫

**ମେଷ**

ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସଭାସମିତିରେ ସମ୍ମାନ, ପାରିବାରିକ ସମସ୍ୟା, ଯାନ ବାହନରେ କ୍ଷତି, ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା, ମକଦ୍ଦମାରେ ବିଜୟ, ସହକର୍ମୀଙ୍କ ଦୌରାତ୍ମ୍ୟ, ସମ୍ପର୍କୀୟଙ୍କ ମିତ୍ରତା, ସମସ୍ୟା ସମାଧାନ।

**ବୃଷ**

କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଆର୍ଥିକ ଅଭିବୃଦ୍ଧି, ଭ୍ରାତୃ ସମ୍ପର୍କରେ ଉନ୍ନତି, ଯାନବାହନର ମରାମତି, ସନ୍ତାନ ହେତୁକ ଗୌରବ, ଋଣ ପରିଶୋଧ, ନୂତନ ବନ୍ଧୁ ସମ୍ପର୍କ, ମନୋରଞ୍ଜନର ମଉକା, ଦୁର୍ବଳ ଆର୍ଥିକସ୍ଥିତି, ସମସ୍ୟାବହୁଳ କର୍ମକ୍ଷେତ୍ର ॥

**ମିଥୁନ**

ଶାରିରୀକ ସୁସ୍ଥତା, ନୂତନ ଯୋଜନାରମ୍ଭ, କାର୍ଯ୍ୟବ୍ୟସ୍ତତାରୁ ମନସ୍ତାପ, ଆର୍ଥିକ ଅନଟନ, ଅଭାବନୀୟ ପରିସ୍ଥିତି, କରଜ କରିବାକୁ ପଡିବ, ଗଠନମୂଳକ କାର୍ଯ୍ୟ, ମାନସିକ ଦୁଶ୍ଚିନ୍ତା, ମନ୍ଥର କର୍ମକ୍ଷେତ୍ର, ପାରିବାରିକ ସମସ୍ୟା, ବନ୍ଧୁଙ୍କ ସହ ଆଲୋଚନା ॥

**କର୍କଟ**

ଶାରୀରିକ ଅସୁସ୍ଥତା, କାର୍ଯ୍ୟ ସ୍ଥଗିତ ରହିବ, ପରିସ୍ଥିତିର ବିଡମ୍ବନା, ବନ୍ଧୁଙ୍କ ସାହାଯ୍ୟ, ଯୋଜନା ବଦଳାଇବେ, ସୌଖୀନ ପଦାର୍ଥ କିଣିବେ, ନିର୍ମାଣକାମରେ ଦ୍ୱନ୍ଦ୍ୱ, ସଭାସମିତିକୁ ଆହ୍ୱାନ ॥

**ସିଂହ**

କର୍ମକ୍ଷେତ୍ରରେ ସମ୍ମାନ, ଅପ୍ରିୟଭାଷଣରୁ କଳହ, ଭ୍ରାତୃସମ୍ପର୍କରେ ଉନ୍ନତି, ନିର୍ମାଣରେ ଅଗ୍ରଗତି, ରୋଗପୀଡା କମିବ, ଆନୁଷ୍ଠାନିକ କର୍ମାରମ୍ଭ, ମକଦ୍ଦମାରେ ବିଜୟ, ପ୍ରଶାସନିକ ଆଲୋଚନା ॥

**କନ୍ୟା**

ମାନସିକ ଅସ୍ଥିରତା, ପଡୋଶୀଙ୍କ ପ୍ରତାରଣା, ବନ୍ଧୁଙ୍କ ସହଯୋଗ, ସନ୍ତାନଙ୍କ କୃତିତ୍ୱ, ଲେଖାପଢାରେ ଅଗ୍ରଗତି, ନୂତନ ସମ୍ପର୍କ ସ୍ଥାପନ, ଆରୋଗ୍ୟଲାଭରୁ ଆଶ୍ୱସ୍ତି, ପ୍ରତିରୋଧର ସାମନା, ପରିସ୍ଥିତି ବଦଳିଯିବ, ବନ୍ଧୁମିଳନ, ପାରିବାରିକ ଶାନ୍ତି ॥

**ତୁଳା**

ମାନସିକ ଦ୍ୱନ୍ଦ୍ୱ, ଦୁର୍ଭାବନା ବଢିବ, ବିଚଳିତ ମନ, ପ୍ରଶାସନିକ ତତ୍ପରତା, ରାଜନୈତିକ ଆଲୋଚନା, ବିଦେଶଯାତ୍ରାର ସୁଯୋଗ, କଚେରୀ ମାମଲାରେ ବାଇଦା, ଅଜଣାବ୍ୟକ୍ତି ସହ କଳହ, ସଂକଟର ସମ୍ମୁଖୀନ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, କଳାରେ ଉତ୍କର୍ଷତା ॥

**ବିଛା**

ସ୍ୱାସ୍ଥ୍ୟ ସମସ୍ୟା, ଦୁର୍ଭାବନା ବଢି ଚାଲିବ, ବିକ୍ଷିପ୍ତ ମାନସିକତା, ସିଦ୍ଧାନ୍ତ ନେବାରେ ଦ୍ୱନ୍ଦ୍ୱ, ମଜଭୁତ ଆର୍ଥିକ ସ୍ଥିତି, ଗୃହସୀମା ବିବାଦ, ବନ୍ଧୁଙ୍କ ସହାନୁଭୂତି, ପ୍ରକାଶନରେ ସମସ୍ୟା, କଚେରି ମାମଲାରେ ଫାଇଦା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ।

**ଧନୁ**

ସମସ୍ୟାର ସମାଧାନ, ପାରିବାରିକ ବିତର୍କ, ଖର୍ଚ୍ଚ ପରିମାଣ ବୃଦ୍ଧି, ମାନସିକ ସ୍ଥିତି ବିଗିଡିବ, ବିଷମ ପରିସ୍ଥିତି, ବନ୍ଧୁଙ୍କ ଭୁଲ୍ ବୁଝାମଣା, ଉପରିସ୍ଥଙ୍କ ପରାମର୍ଶ, କ୍ରୀଡାଚଳଚ୍ଚିତ୍ରରେ ସମସ୍ୟା, ସତ୍ସଙ୍ଗର ସୁଯୋଗ, ଦୂରଯାତ୍ରାର ଯୋଜନା।।

**ମକର**

ଶୁଭଖବର ପ୍ରାପ୍ତି, ଆଶା ପୂରଣ ହେବ, ପାରିବାରିକ ସୌଖ୍ୟ, କଳାପ୍ରିୟ ହେବେ, ଜମିଜମା ବିବାଦ, ନିଜଲୋକଙ୍କ ଶତ୍ରୁତା, ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି, ପଡୋଶୀଙ୍କ ସହ କଳହ, ଆର୍ଥିକ ଅନଟନ, ସ୍ଥିରତା ଫେରିପାଇବେ, ପ୍ରତିଯୋଗୀତାରେ ସଫଳତା ॥

**କୁମ୍ଭ**

କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ସାମାଜିକ ସମ୍ମାନ, ବନ୍ଧୁବତ୍ସଳ ହେବେ, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ପାରିବାରିକ ସମର୍ଥନ, ଯାନ୍ତ୍ରିକ ଜିନିଷ କ୍ରୟ, ଯାନ ବାହନ କ୍ରୟ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, କାର୍ଯ୍ୟହାନୀରୁ ଅନୁତାପ, ଅନ୍ୟମନସ୍କତାରୁ ସମସ୍ୟା ॥

**ମୀନ**

ସାଧାରଣ କଥାରେ ବିତର୍କ, ବିବାଦ ବୃଦ୍ଧି ପାଇବ, ଶାରୀରିକ ଅସୁସ୍ଥତା, ନୂତନ ଯୋଜନାରମ୍ଭ, ମନୋରଞ୍ଜନର ମଉକା, ସଙ୍ଗୀତ ସାଧନାରେ ରୁଚି, ରଚନାତ୍ମକ କାର୍ଯ୍ୟରେ ନିଷ୍ଠା, ବିବାଦୀୟ ପରିସ୍ଥିତି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ଅଧ୍ୟାପନାରେ ଏକାଗ୍ରତା ॥

# ଶ୍ରାବଣ ମାସର ଆଧ୍ୟାତ୍ମିକ ମହତ୍ତ୍ୱ

ହିନ୍ଦୁ ଧର୍ମରେ ଶ୍ରାବଣ ମାସର ବିଶେଷ ମହତ୍ତ୍ୱ ରହିଛି। ଭଗବାନ ଶିବଙ୍କୁ ଏହି ପବିତ୍ର ମାସରେ ନିଷ୍ଠାର ସହ ଉପାସନା କଲେ ପ୍ରଭୁ କୃପା ମିଳିବା ସହ ରୋଗବ୍ୟାଧିରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ଅଛି ତେବେ ଏହି ମାସରେ ଆଉ କ'ଣ କରିବା ଶୁଭ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ...

✻ ଏହି ମାସରେ ବ୍ରାହ୍ମଣ ତଥା ଗରିବ, ଅସହାୟ ଲୋକଙ୍କୁ ଦାନପୁଣ୍ୟ କରିବା ଶୁଭ। ଖାସ୍ କରି ଅନ୍ନ, ବସ୍ତ୍ର, ଜଳ, ଛତା ତଥା ଧାର୍ମିକ ପୁସ୍ତକ ଦାନ କରିବା ଉତ୍ତମ ଫଳ ପ୍ରଦାନ କରିଥାଏ।

✻ ମନରେ କ୍ରୋଧ, ଲୋଭ,



ହିଂସା ନ ରଖି, କାହା ପ୍ରତି ଅପଶବ୍ଦ ବ୍ୟବହାର ନ କରି ଉତ୍ତମ ଆଚରଣ କଲେ ପ୍ରଭୁ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି।

✻ ତାମସିକ ଭୋଜନ ପରିବର୍ତ୍ତେ ସାତ୍ତ୍ୱିକ ଭୋଜନ କରିବା ଏ ମାସରେ ଶୁଭ ହୋଇଥାଏ।

✻ ଏହି ମାସରେ ଦେବ ଦେବ ମହାଦେବଙ୍କୁ ବେଲପତ୍ର, ଦୁଦୁରା ଫୁଲ ଆଦି ଅର୍ପଣ କରିବା ଶୁଭ ହୋଇଥାଏ।

✻ ଏହି ପବିତ୍ର ମାସରେ ରୁଦ୍ରାଭିଷେକ କରାଇବା ମଧ୍ୟ ଅତ୍ୟନ୍ତ ଶୁଭ ହୋଇଥାଏ। ପ୍ରଭୁଙ୍କର କରୁଣା ଥିଲେ ପୂଜା ସଫଳ ହୋଇ ମନୋସ୍କାମନା ପୂରଣ ହୁଏ।

✻ ଏହି ମାସରେ ପ୍ରତିଦିନ ବିଶେଷକରି ସୋମବାର ଦିନ ପବିତ୍ର ମନରେ ୧୦୮ ଥର ଓଁନମଃ ଶିବାୟ ଏବଂ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କଲେ ପ୍ରଭୁ ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି।

✻ ଗୋ-ସେବା କରିବା ମଧ୍ୟ ଏହି ମାସରେ ଶୁଭ ଫଳ ପ୍ରଦାନ କରିଥାଏ।

# ଡ୍ରିଙ୍କ୍ସ: ଯାହା ଇମ୍ୟୁନିଟି ବଢ଼ାଏ



ବର୍ଷାଦିନେ ରୋଗପ୍ରତିରୋଧକ ଶକ୍ତି କମିଯିବା କାରଣରୁ ଅନେକଙ୍କଠାରେ ଥଣ୍ଡା, କାଶ, ଛିଙ୍କ, ଜ୍ୱର ଆଦି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ଏଭଳି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏମିତି ଏକ ହେଲ୍‌ଦି ଡ୍ରିଙ୍କ୍ ବା ପାନୀୟ ସମ୍ପର୍କରେ କହିଛନ୍ତି ; ଯାହାକୁ ପ୍ରତିଦିନ ପିଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଶରୀରକୁ ବେଶ୍ ଫୂର୍ତ୍ତି ଅନୁଭବ ହୋଇଥାଏ। ଆଉ ସେହି ପାନୀୟକୁ ଖୁବ୍ ସହଜରେ ଘରେ ତିଆରି କରିହୁଏ। ଉକ୍ତ ପାନୀୟକୁ ହନି ଲେମନ୍ ୱାଟର୍ ବୋଲି କୁହାଯାଏ। ହନି ବା ମହୁ, ଲେମନ୍ ବା ଲେମ୍ବୁରେ ଭିଟାମିନ୍ ସି ଓ ଆଣ୍ଟିଅକ୍ସିଡାଣ୍ଟ ସାଙ୍ଗକୁ ଆହୁରି ଅନେକ ଗୁଣକାରୀ ତତ୍ତ୍ୱ ଭରି ରହିଥିବା ଯୋଗୁ ଏହାକୁ ନିୟମିତ ଉଷୁମ ପାଣିରେ ମିଶାଇ ପିଇଲେ ଶରୀରରେ ଇମ୍ୟୁନିଟି ବୁଷ୍ଟ ହେବା ସହିତ ବଡି ଫିଟ୍‌ନେସ୍ ରହିଥାଏ ବୋଲି ବିଶ୍ୱାସ କରାଯାଏ। କେବଳ ସେତିକି ନୁହେଁ, ପେଟରେ ଥିବା ଏକ୍ସଟ୍ରା ଚର୍ବିକୁ କମାଇବାରେ ବି ଏହା ବେଶ୍ ସହାୟକ ହୋଇଥାଏ। ଅନ୍ୟଦିନ ତୁଳନାରେ ବର୍ଷାଦିନେ ଏହି ପାନୀୟକୁ ପିଇବା ଶରୀର ପକ୍ଷେ ଖୁବ୍ ଉପକାରୀ ହୁଏ। ଏହା ଗଳାକୁ ସଫା ରଖିବା ସହ ଥଣ୍ଡା, କାଶ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ ବୋଲି ମାନ୍ୟତା ରହିଛି।

# ପାଠକୀୟ

✻ ଗ୍ଲାମର୍ସ ଦେଖାଯିବା ସହ ବୟସକୁ ବାନ୍ଧି ରଖିବାର ନିଶା ହେଉ କି ଅତ୍ୟଧିକ ଜିମ୍ ବା ଅତ୍ୟଧିକ ନିଶାସେବନ କିମ୍ବା ମାନସିକ ଚାପ ; କାରଣ ଯାହା ବି ହେଉ, ମୃତ୍ୟୁର କାରଣ କିନ୍ତୁ ହୃଦଘାତ। ଯେଉଁଥିପାଇଁ କି ଅକାଳରେ ଚାଲି ଯାଉଛନ୍ତି ତାରକା। ସେମିତି କେତେଜଣ ଅକାଳରେ ଚାଲି ଯାଇଥିବା ତାରକାମାନଙ୍କ ଦୁଃଖଦ କାହାଣୀକୁ ନେଇ ପ୍ରସ୍ତୁତ ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ଥିଲା।

*– ଜିତୁନି ମିଶ୍ର, ପୁରୀ*

✻ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଅକାଳରେ ତାରକା' ଶୀର୍ଷକ ଆଲେଖ୍ୟଟି ଖୁବ୍ ମର୍ମସ୍ପର୍ଶୀ ହୋଇଥିଲା। 'ଭୋଜନକୁ ନେଇ ନିୟମ', 'ସକାଳୁ ଉଠି କ'ଣ ଦେଖିବେନି' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଗଜରା ନା ଫ୍ଲାୱାର୍ ବନ୍' ଶୀର୍ଷକ ପାଠରୁ ବହୁ ଅଜଣା କଥା ଜାଣିବାକୁ ମିଳିଲା।

*– ସୋମେଶ ତ୍ରିପାଠୀ, କଟକ*

✻ ବ୍ୟକ୍ତିତ୍ୱ ପୃଷ୍ଠାରୁ ପିତ୍ତଳ କାରିଗରୀ ବୈଷ୍ଣବ ମହାରଣାଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଉଲ୍ଲାସ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି 'ଅଲରାଉଣ୍ଡର ଟାଇଗର', 'କଦାପ ଭୁଲନ୍ତି ନାହିଁ କ୍ୟାଟ୍ରିନା', 'ଯାହା ଭାବୁଥିଲେ ତମନ୍ନା' ଆଦି ପାଠର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା।

*– ନିକିତା ବେହେରା, କନ୍ଧମାଳ*

✻ କବି, କଥାକାର ତଥା ସେବାନିବୃତ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ବିରଜା ରାଉତରାୟଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ମର୍ମସ୍ପର୍ଶୀ ଥିଲା। ଅନେକ ଐତିହାସିକ ଘଟଣାବଳୀର ମୂକସାକ୍ଷୀ ଗଞ୍ଜାମର ପୋତାଗଡ଼ ସମ୍ପର୍କରେ ବି ଛୁଟିଦିନରୁ ପଢି ବହୁ ଅଜଣା କଥା ଜାଣିହେଲା। ଐତିହାସିକ ସହର ଓର୍ଚ୍ଛା ସମ୍ପର୍କରେ ସହର ପୃଷ୍ଠାରୁ ଜାଣି ଖୁସି ଲାଗିଲା।

*– ମୁକେଶ ଗୁପ୍ତା, ଭଦ୍ରକ*

✻ 'ଷ୍ଟେଥୋସ୍କୋପ୍‌ର ଇତିହାସ' ଶୀର୍ଷକ ପାଠଟି ଶିକ୍ଷଣୀୟ ହେବା ସହ ତଥ୍ୟପୂର୍ଣ୍ଣ ଥିଲା। 'ସବୁଠାରୁ ବୟସ୍କା ମହିଳା ନାପିତ' ପାଠଟି ମଧ୍ୟ ଆଶ୍ଚର୍ଯ୍ୟକର ଥିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଭାଇରାଲ୍ ନିଶା' ଶୀର୍ଷକ ପାଠଟି ଏକ ନିଆରା ଆଲେଖ୍ୟ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାଟି ବି ଖୁବ୍ ଅଜବ ଲାଗୁଥିଲା। ଖାସ୍ କରି ଏଥିରେ ସ୍ଥାନିତ 'ନାକ ନଥିବା ଝିଅ' ଶୀର୍ଷକ ପାଠଟି ବେଶ୍ ନିଆରା ଥିଲା।

*– ପ୍ରତାପ ଦାଶ, ମୟୂରଭଞ୍ଜ*

## ବିଶେଷ ଚିଠି



**ଅ**କାଳରେ ତାରକା ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
ତା'ସାଙ୍ଗକୁ ଭାରୀ ଭଲ ଥିଲା
ତୁମ ସହର, ସିନେମା ଓ ରୋଜଗାର,
ମନ କିଣି ନେଉଥିଲା ପୁଣି
ତୁମ ବିବିଧାର ଖବର।
ସତରେ ହେ ପ୍ରିୟ ଛୁଟିଦିନ
ତୁମେ ଲାଗ ସବୁଠୁ ଉତ୍ତମ।

*– ପ୍ରଭାତି, ପ୍ରଣତି, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com




# ଦାୟିତ୍ୱ

**ଦାୟିତ୍ୱ ନେବା ସବୁବେଳେ ସମସ୍ତଙ୍କ ପାଇଁ ସହଜ ହୋଇ ନ ଥାଏ। ଯେଉଁଥିପାଇଁ ସଂଘର୍ଷ ସହ ତ୍ୟାଗ ବି ଲୋଡ଼ା। ଏଇ ଯେମିତି ଘର ପରିବାର ସମ୍ଭାଳୁଥିବା ନାରୀ ବି ପରିସ୍ଥିତି ପଡ଼ିଲେ ପୁରୁଷ ପ୍ରଧାନ କାର୍ଯ୍ୟ ଆପଣେଇ ବେଶ୍ ସୁନ୍ଦରଭାବେ ପରିବାରର ଦାୟିତ୍ୱ ନେଇପାରନ୍ତି...**

ଦାୟିତ୍ୱ ଏକ ବ୍ୟାପକ ଶବ୍ଦ। ଏହା ଯେତେ ସହଜ ଜଣାପଡ଼େ ସେତେ ସହଜ ନୁହେଁ। ଏଥିପାଇଁ ସଂଘର୍ଷ ଲୋଡ଼ା ହୁଏ, ତ୍ୟାଗ କରିବାକୁ ପଡ଼େ, କର୍ତ୍ତବ୍ୟର ଆବଶ୍ୟକତା ଆସେ। ଏସବୁକୁ ଯିଏ ଠିକ୍ ଠିକ୍ କରିପାରେ, ତା'ର ଦାୟିତ୍ୱବୋଧ ସେତେ ବଢ଼ିଯାଏ। ଏଇ ଯେମିତି କିଛି ନାରୀ ନିଜ ପରିବାରର ଦାୟିତ୍ୱ ତୁଲାଇବାକୁ ଅଣ୍ଟା ଭିଡ଼ିଛନ୍ତି। କିଛି ଭିନ୍ନ କାମ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବା ସହ ନିଜର ଦାୟିତ୍ୱବୋଧକୁ ପ୍ରମାଣ କରି ଦେଖାଇ ଦେଇଛନ୍ତି...

**ସ୍ୱାମୀଙ୍କ ଦେହ ଖରାପ ଯୋଗୁ ମେକାନିକ୍ କାମ କଲେ ପୁନମ୍:** ଗାଜିଆବାଦ୍‌ର **ପୁନମ୍ ଦେବୀ**। ଦିନେ ସ୍ୱାମୀ, ଦୁଇ ପିଲାଙ୍କୁ ନେଇ ତାଙ୍କର ବି ଥିଲା ଏକ ହସ ଖୁସିର ସଂସାର। ସ୍ୱାମୀ ମୋଟରସାଇକେଲ ମେକାନିକ୍‌ରୁ ଯାହା ରୋଜଗାର କରୁଥିଲେ ବେଶ୍ ଆରାମରେ ଚଳୁଥିଲା ତାଙ୍କ ସଂସାର। ହେଲେ ହଠାତ୍ ଦୁଃଖର କଳାବାଦଲ ଘୋଟିଗଲା ପୁନମ୍‌ଙ୍କ ସଂସାର ଉପରେ। ସ୍ୱାମୀ ତାଙ୍କର ପକ୍ଷାଘାତର ଶିକାର ହେଲେ। ଅଚଳ ହୋଇଗଲା ତାଙ୍କ ଶରୀର। ସ୍ୱାମୀଙ୍କର ଚିକିତ୍ସା ସାଙ୍ଗକୁ ପରିବାର ତଥା ପିଲାଙ୍କର ସମସ୍ତ ଦାୟିତ୍ୱ ଏକାକୀ ସମ୍ଭାଳିବାକୁ ପଡ଼ିଲା ପୁନମ୍‌ଙ୍କୁ। ଏତେ ଅସୁବିଧା ସତ୍ତ୍ୱେ ବି କାହା ଆଗରେ ହାତ ପତାଇବାକୁ ଚାହୁଁ ନ ଥିଲେ ପୁନମ୍। ଶେଷରେ ସ୍ୱାମୀଙ୍କର ମେକାନିକ୍ କାମକୁ ଆପଣେଇବାକୁ ସେ ନିଷ୍ପତ୍ତି ନେଲେ। ପୂର୍ବରୁ ସ୍ୱାମୀଙ୍କ କାମକୁ ଲକ୍ଷ୍ୟ କରି କରି କିଛିଟା କାମ ସେ ଶିଖିଯାଇଥିଲେ। ତେଣୁ ଏ କାମ କରିପାରିବେ ବୋଲି ତାଙ୍କ ଭିତରେ ଟିକେ ସାହସ ଆସିଥିଲା। ସେ ଯନ୍ତ୍ରପାତି ଧରି ଘରପାଖ ରାସ୍ତା କଡ଼ରେ ଥିବା ତାଙ୍କ ଗ୍ୟାରେଜ୍ ଖୋଲିଲେ। ପ୍ରଥମେ ପ୍ରଥମେ ଏହି କାମ ପାଇଁ ତାଙ୍କୁ ଲୋକଙ୍କର ଅନେକ କଥା ଶୁଣିବାକୁ ପଡ଼ିଥିଲା। ଗାଡ଼ି ଠିଆରି କରିବାକୁ ଆସୁଥିବା କିଛି ଲୋକଙ୍କର ଭିନ୍ନ ଦୃଷ୍ଟିଭଙ୍ଗୀ ବି ତାଙ୍କୁ ଅସହଜ ମନେହେଉଥିଲା। କେହି କେହି ତାଙ୍କ କାମକୁ ନେଇ ସନ୍ଦେହ ବି କରୁଥିଲେ ଯେ, ପୁନମ୍ ଠିକ୍‌ରେ ଗାଡ଼ି ସଜାଡ଼ି ପାରିବେ କି ନାହିଁ। କିନ୍ତୁ ସମସ୍ତଙ୍କୁ ଚକିତ କରି ଗୋଟେ ପରେ ଗୋଟେ ଖରାପ ଗାଡ଼ିକୁ ନିର୍ଭୁଲ ଭାବେ ସେ ସଜାଡ଼ି ଚାଲିଲେ । ଧୀରେ ଧୀରେ ପୁନମ୍‌ଙ୍କର ନାଁ ହେବାକୁ ଲାଗିଲା, ତାଙ୍କ କାମକୁ ବି ଲୋକେ ପସନ୍ଦ କଲେ। ଭଲ ରୋଜଗାର ହେଲା ତାଙ୍କର। ପରିବାର ଭଲରେ ଚଳିଲା। ସ୍ୱାମୀଙ୍କର ଭଲ ଚିକିତ୍ସା ହେବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବି ଅନେକ ପରିବର୍ତ୍ତନ ହେଲା। ପିଲା ଦୁହେଁ ବି ଭଲ ପାଠ ପଢ଼ିଲେ। ଆଉ ଏସବୁର ଶ୍ରେୟ ଯାଉଥିଲା ପୁନମ୍‌ଙ୍କର ଧୈର୍ଯ୍ୟ, ସାହସ ଓ ତାଙ୍କର ଦାୟିତ୍ୱବୋଧକୁ।

**ବାପାଙ୍କ ବ୍ରେନ୍ ଷ୍ଟ୍ରୋକ୍ ପରେ ସେଲୁନ ସମ୍ଭାଳିଲେ ବିଦ୍ୟୁତ୍‌ପ୍ରିୟା:** ତେଲଙ୍ଗାନାର ଭଦ୍ରାଦ୍ରି କୋଠାଗୁଡେମ୍ ଜିଲ୍ଲା ଅନ୍ତର୍ଗତ ଏକ ଗାଁ ହେଉଛି ମେଣ୍ଡିକୁଣ୍ଟା। ସେହି ଗାଁର ଜଣେ ଝିଅ ହେଲେ **ଏମ୍. ବିଦ୍ୟୁତ୍‌ପ୍ରିୟା**। ବିଦ୍ୟୁତ୍‌ପ୍ରିୟାଙ୍କ ବାପା ରାଜେଶଙ୍କର ଗାଁରେ ରହିଛି ଏକ ସେଲୁନ୍। ସେଇଥିରୁ ହିଁ ବାପା ଯାହା ରୋଜଗାର କରୁଥିଲେ ସେଥିରେ ତାଙ୍କ ପରିବାର ଚଳୁଥିଲା। ୨୦୧୫ ମସିହାରେ ହଠାତ୍ ବିଦ୍ୟୁତ୍‌ପ୍ରିୟାଙ୍କ ବାପାଙ୍କ ବ୍ରେନ୍ ଷ୍ଟ୍ରୋକ୍ ହେଲା। ତାଙ୍କୁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଗଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଲା। ଏପଟେ ସେଲୁନ୍ ବନ୍ଦ ହୋଇ ପଡ଼ିବାରୁ ଘର ଚଳାଇବାରେ ବହୁ ଅସୁବିଧା ହେଲା। ବିଦ୍ୟୁତ୍‌ପ୍ରିୟାଙ୍କୁ ସେତେବେଳେ ମାତ୍ର ୧୨ ବର୍ଷ ବୟସ ହୋଇଥାଏ। ଘରେ ତାଙ୍କର ଆହୁରି ବଡ଼ ଦୁଇ ଭଉଣୀ ଥାନ୍ତି। ମା' ଛେଉଣ୍ଡ ଏହି ତିନି ଝିଅଙ୍କୁ ଖୁବ୍ ଗେହ୍ଲାରେ ପାଳିଥାନ୍ତି ରାଜେଶ। ହେଲେ ତାଙ୍କ ଦେହ ଖରାପ ହେବା ପରେ ଏହି ଝିଅମାନଙ୍କର କଥା ବୁଝିବାକୁ କେହି ନ ଥାନ୍ତି। ଶେଷରେ ଘର ସମ୍ଭାଳିବାକୁ ଅଣ୍ଟା ଭିଡ଼ିଲେ ବିଦ୍ୟୁତ୍‌ପ୍ରିୟା। ବାପାଙ୍କର ବନ୍ଦ ପଡ଼ିଥିବା ସେଲୁନ୍‌କୁ ପୁଣି ଖୋଲିବାକୁ ସେ ନିଷ୍ପତ୍ତି ନେଲେ। କାରଣ ପ୍ରତିଦିନ ସେ ତାଙ୍କ ବାପାଙ୍କ ପାଖକୁ ଖାଇବାକୁ ନେଇକି ଯିବାବେଳେ ସେଠାରେ ତାଙ୍କ ବାପା ଲୋକମାନଙ୍କର ଯେଉଁ ଚୁଟି ଓ ଦାଢ଼ି କାଟୁଥିଲେ ତାକୁ ଖୁବ୍ ନିରେଖି ଦେଖୁଥିଲେ ବିଦ୍ୟୁତ୍‌ପ୍ରିୟା। ସେ କ୍ଷେତ୍ରରେ କିଛି ଜ୍ଞାନ ବି ତାଙ୍କର ହୋଇଯାଇଥିଲା। ଯଦ୍ୱାରା ସେଲୁନ୍ ଚଲେଇବାକୁ ନେଇ ତାଙ୍କ ଭିତରେ ସାହସ ଆସିଥିଲା। ଘରର ସବୁଠୁ ସାନ ଝିଅ ହେଲେ ବି ବାପାଙ୍କ ଅସୁସ୍ଥତା ବେଳେ ଘରର ଦାୟିତ୍ୱ ନେବାର ଯେଉଁ ଦମ୍ଭ ତାଙ୍କ ଭିତରେ ଦେଖିବାକୁ ମିଳିଥିଲା ତାହା ଅନ୍ୟମାନଙ୍କୁ ଚକିତ କରି ଦେଇଥିଲା। କିନ୍ତୁ କିଛି ଲୋକ ଏମିତି ବି ଥିଲେ, ଯେଉଁମାନେ ବିଦ୍ୟୁତ୍‌ପ୍ରିୟାଙ୍କର ଏହି ସେଲୁନ୍ ଖୋଲିବା କାମକୁ ଆଦୌ ପସନ୍ଦ କରୁ ନ ଥିଲେ। ନାନା କଥା ତାଙ୍କୁ ଶୁଣାଉଥିଲେ। ତଥାପି ବିଦ୍ୟୁତ୍‌ପ୍ରିୟା କାହାରିକୁ କିଛି କହୁ ନ ଥିଲେ। ନିଜ କର୍ମ ଉପରେ ତାଙ୍କର ଯଥେଷ୍ଟ ଭରସା ଥିଲା। ଶେଷରେ ତାଙ୍କର ବିଜୟ ହେଲା। ପାଠପଢ଼ା ସାଙ୍ଗକୁ ସେଲୁନ୍ କାମ ବୁଝିବାରେ ତାଙ୍କୁ ବହୁ କଷ୍ଟ କରିବାକୁ ପଡୁଥିଲେ ବି ସେ ହସି ହସି ସବୁକିଛି ସହି ଯାଉଥିଲେ। ଅନ୍ୟଦିନଗୁଡ଼ିକରେ ଅପରାହ୍ନ ୪ଟା ସୁଦ୍ଧା ପାଠପଢ଼ା କାମ ସାରି ତା'ପରେ ସେଲୁନ୍ ଖୋଲିବାକୁ ଯାଉଥିବାବେଳେ ରବିବାର ତଥା ଛୁଟିଦିନରେ ସକାଳ ୯ରୁ ସନ୍ଧ୍ୟା ୭ଟା ଯାଏ ସେ ସେଲୁନ୍‌ରେ ରହୁଥିଲେ। ତାଙ୍କ ବଡ଼ ଦୁଇ ଭଉଣୀ ବି ପାଠ ପଢୁଥିଲେ। ତା'ସହିତ ବାପାଙ୍କର ଚିକିତ୍ସାରେ ଯାହାବି ଆବଶ୍ୟକ ପଡୁଥିଲା ତାକୁ ବି ପୂରଣ କରୁଥିଲେ ବିଦ୍ୟୁତ୍‌ପ୍ରିୟା। ଏମିତି ଏମିତିରେ ସମୟ ବିତି ଚାଲିଲା। ତାଙ୍କ ଦୁଃଖ କାହାଣୀ ଶୁଣି ସ୍ଥାନୀୟ ଏକ ପ୍ରାଇଭେଟ୍ କମ୍ପାନୀର ଚେୟାରମ୍ୟାନ୍ ବିଦ୍ୟୁତ୍‌ପ୍ରିୟାଙ୍କୁ କିଛି ଆର୍ଥିକ ସହାୟତା କରିବାରୁ ସେ ବିବିଏ ପଢ଼ିଲେ। ତା'ସହିତ ବଡ଼ ଭଉଣୀର ବାହାଘର ବି କରାଇଲେ। ମଝିଆ ଭଉଣୀକୁ ମଧ୍ୟ ପିଜି ପାସ୍ କରାଇଲେ। ବାପାଙ୍କର ସ୍ୱାସ୍ଥ୍ୟାବସ୍ଥା ବି ଧୀରେ ଧୀରେ ଭଲ ହେବାକୁ ଲାଗିଲା। ଆଉ ଏସବୁ କିଛି ସମ୍ଭବ କେବଳ ବିଦ୍ୟୁତ୍‌ପ୍ରିୟାଙ୍କ ପାଇଁ ହିଁ ହୋଇପାରିଲା। ଭବିଷ୍ୟତରେ ଜଣେ ପ୍ରଶାସନିକ ସେବା ଅଧିକାରୀ ହେବାର ଲକ୍ଷ୍ୟ ରଖିଥିବା ବିଦ୍ୟୁତ୍‌ପ୍ରିୟାଙ୍କ ସ୍ୱପ୍ନ ସତ ହେବ କି ନାହିଁ ତାହା ତ ଜଣାନାହିଁ, କିନ୍ତୁ ତାଙ୍କର ସକାରାତ୍ମକ ଭାବେ ଜୀବନକୁ ଜିଇଁବାର କଳା ତାଙ୍କୁ ବହୁ ଆଗକୁ ନେବ ଏଥିରେ ସନ୍ଦେହ ନାହିଁ।

**ପରିବାରର ଦାୟିତ୍ୱ ଯୋଗୁ ଇଲେକ୍ଟ୍ରିସିଆନ ହେଲେ ସୀତା ଦେବୀ :** ବିହାରର ଗୟାଠାରେ ସପରିବାରେ ରୁହନ୍ତି **ସୀତା ଦେବୀ**। ସାଧାରଣ ଗୃହିଣୀରୁ ସେ କେମିତି ଜଣେ ସଫଳ ଇଲେକ୍ଟ୍ରିସିଆନ ହେଲେ ତା' ପଛରେ ଏକ ଦୁଃଖଦ ଘଟଣା ରହିଛି। ଘଟଣାଟି ଏମିତି– ଆଜକୁ ପ୍ରାୟ ୧୭/୧୮ ବର୍ଷ ପୂର୍ବେ ସୀତା ଦେବୀ ଜଣେ ସୁଗୃହିଣୀ ଭାବେ ଘରର, ପିଲାମାନଙ୍କର ସବୁ ଦାୟିତ୍ୱ ବୁଝୁଥିଲେ। ତାଙ୍କ ସ୍ୱାମୀ ଜିତେନ୍ଦ୍ର ମିସ୍ତ୍ରି ସେ ଅଞ୍ଚଳର ଜଣେ ନାମକରା ଇଲେକ୍ଟ୍ରିସିଆନ ଥିଲେ। ୪ଟି ସନ୍ତାନ ମଧ୍ୟରୁ ତାଙ୍କର ୨ଟି ଝିଅ ଓ ୨ଟି ପୁଅ। ବେଶ୍ ସୁଖଶାନ୍ତିର ସଂସାର। କିନ୍ତୁ ଦୁର୍ଭାଗ୍ୟ, ଜିତେନ୍ଦ୍ରଙ୍କର ହଠାତ୍ ଯକୃତଜନିତ ସମସ୍ୟା ବାହାରିଲା। କାମ କରିବାକୁ କଷ୍ଟ ହେଉଥିଲେ ବି ସେ ପ୍ରତିଦିନ ତାଙ୍କ ଦୋକାନକୁ ଯାଉଥିଲେ। ସାଙ୍ଗରେ ଧର୍ମପତ୍ନୀ ସୀତା ଏବଂ ତାଙ୍କର ଛୁଆମାନଙ୍କୁ ବି ନେଇ ଯାଉଥିଲେ। ସେଠାରେ ସୀତାଙ୍କୁ ସେ ଛୋଟମୋଟ ଇଲେକ୍ଟ୍ରି ରିପେୟାରିଂ କାମ ଯେମିତିକି ପଙ୍ଖା, ମିକ୍ସଚର୍ ଗ୍ରାଇଣ୍ଡର, ଟର୍ଚ୍ଚ ଲାଇଟ୍, ଆଇରନ୍ ଆଦି ସଜାଡ଼ିବା କାମ ଶିଖାଇ ଦେଉଥିଲେ। ଜିତେନ୍ଦ୍ର ଯେମିତି ଯେମିତି କହୁଥିଲେ ସୀତା ଦେବୀ ଠିକ୍ ସେମିତି କାମ କରିଯାଉଥିଲେ। ଖୁବ୍ କମ୍ ପାଠ ପଢ଼ିଥିବା ସୀତା ଦେବୀ କିନ୍ତୁ ଇଲେକ୍ଟ୍ରି ରିପେୟାରିଂ କାମ ଅତି ଶୀଘ୍ର ଧରିନେଲେ। କ୍ରମେ

→


ପୁନମ୍ ଦେବୀ


ଏମ୍. ବିଦ୍ୟୁତ୍‌ପ୍ରିୟା



ପ୍ରୀତି ହିଙ୍ଗେ




ସୀତା ଦେବୀ




ଡଲି ରାଣା


ଜିତେନ୍ଦ୍ରଙ୍କର ଦେହ ଅଧିକ ଖରାପ ହେବାରୁ ସେ ଆଉ ଦୋକାନ ନ ଆସି ଘରେ ଚିକିତ୍ସାରେ ରହିଲେ । ଆଉ ଦୋକାନ ସମ୍ଭାଳିବାକୁ ସୀତା ଦେବୀଙ୍କୁ କହିଲେ । ଏକାକୀ ସୀତା ଦେବୀ ଦୋକାନ ଖୋଲିବାକୁ ସାହସ କରିପାରୁ ନ ଥିଲେ । କିନ୍ତୁ ଜିତେନ୍ଦ୍ରଙ୍କର ଭଲ ନାଁ ଥିବାରୁ ତାଙ୍କ ପରିଚିତ ଲୋକମାନେ ସୀତା ଦେବୀଙ୍କୁ ପ୍ରେରଣା ଦେଲେ ଦୋକାନ ଖୋଲିବା ପାଇଁ । ପରିବାରର ଦାୟିତ୍ୱ, ପିଲାଙ୍କ ଭବିଷ୍ୟତ ଏବଂ ସ୍ୱାମୀଙ୍କ ଚିକିତ୍ସା ପାଇଁ ଶେଷରେ ସୀତା ଦେବୀ ବାଧ ହେଲେ ଘରୁ ଗୋଡ଼ କାଢି ଏକାକୀ ଯାଇ ତାଙ୍କ ଇଲେକ୍ଟ୍ରି ଦୋକାନ ସମ୍ଭାଳିବାକୁ । ପିଲାମାନେ ଖୁବ୍ ଛୋଟ ଥିବାରୁ ତାଙ୍କୁ ବି ସାଙ୍ଗରେ ନେଇ ଯାଉଥିଲେ । ସେ ସମୟରେ ତାଙ୍କ ସାନ ପୁଅ ମାତ୍ର ବର୍ଷକର ହୋଇଥାଏ । ଦୋକାନ କଥା ବୁଝିବା ସହ ପିଲାମାନଙ୍କର ସବୁ ଭଲମନ୍ଦ କଥା ବି ସେଠାରେ ସେ ବୁଝୁଥିଲେ । କିନ୍ତୁ ସୀତାଦେବୀଙ୍କର ଦୋକାନ ଖୋଲିବାକୁ ତାଙ୍କ ବନ୍ଧୁବାନ୍ଧବ ଓ କିଛି ପଡୋଶୀ ଆଦୌ ପସନ୍ଦ କରୁ ନ ଥିଲେ । ତାଙ୍କ ପଛରେ ନାନା କଥା କହୁଥିଲେ । କିନ୍ତୁ କାହାରି କଥାକୁ ନଜର ନ ଦେଇ ସୀତା ଦେବୀ ତାଙ୍କ କର୍ମ କରିଚାଲିଲେ । ଧୀରେ ଧୀରେ ଇଲେକ୍ଟ୍ରି ବଲ୍‌ବରୁ ଆରମ୍ଭ କରି ଏସି, ମାଇକ୍ରୋୱେଭ୍ ଆଦିକୁ ବି ସଜାଡିବାରେ ସେ ସଫଳତା ହାସଲ କଲେ । ଯେଉଁମାନେ ଦିନେ ତାଙ୍କୁ ଆକ୍ଷେପ କରୁଥିଲେ ସେମାନେ ତାଙ୍କ କାମକୁ କ୍ରମେ ପ୍ରଶଂସା କରିବାକୁ ଲାଗିଲେ । ନିଜେ ନାମ କମାଇବା ସହ ସୀତା ଦେବୀ ପିଲାଙ୍କୁ ସ୍କୁଲ୍, କଲେଜ ପଠାଇ ଶିକ୍ଷିତ କରାଇଲେ । ସ୍ୱାମୀଙ୍କର ଉତ୍ତମ ଚିକିତ୍ସା ବି କଲେ । ୟା'ଭିତରେ ତାଙ୍କ ପୁଅ ଦୁହେଁ ବଡ଼ ହୋଇ ତାଙ୍କଠାରୁ କାମ ଶିଖି ତାଙ୍କ ସହିତ ମିଶି ଦୋକାନ ସମ୍ଭାଳିଲେଣି । ସତରେ ସୀତା ଦେବୀଙ୍କର ଏହି ସଂଘର୍ଷମୟ ଜୀବନ କାହାଣୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ।

**ସ୍ୱାମୀଙ୍କୁ ଆର୍ଥିକ ସହଯୋଗ କରିବାକୁ ପ୍ରୀତି ହେଲେ କାରପେଣ୍ଟର ଦିଦି:** ନାଗପୁରର ୱାଠୋଡ଼ା ଅଞ୍ଚଳରେ **ପ୍ରୀତି ହିଙ୍ଗେ** ନାମ୍ନୀ ଜଣେ କାରପେଣ୍ଟର ଦିଦିଙ୍କର ବେଶ୍ ଲୋକପ୍ରିୟତା ରହିଛି । କାରପେଣ୍ଟର(ବଢେଇ) କାର୍ଯ୍ୟକୁ ସାଧାରଣତଃ ପୁରୁଷମାନେ କରିଥାନ୍ତି । କିନ୍ତୁ ପ୍ରୀତି ହିଙ୍ଗେ ନାମ୍ନୀ ମହିଳା କିପରି ଏହି କର୍ମକ୍ଷେତ୍ରକୁ ଆପଣେଇଲେ, ଏହା ପଛରେ କ'ଣ କାହାଣୀ ରହିଛି ଆସନ୍ତୁ ଜାଣିବା । ପ୍ରୀତିଙ୍କର ବାପା ଜଣେ ନାମକରା କାରପେଣ୍ଟର ଥିଲେ । ପିଲାଟିବେଳୁ ବାପାଙ୍କ କାମକୁ ଦେଖି ଦେଖି ପ୍ରୀତିଙ୍କର ବି ଏ କାର୍ଯ୍ୟ ପ୍ରତି ଶ୍ରଦ୍ଧା ଆସିଥିଲା । ସେ ବି ବାପାଙ୍କ ସହ ମିଶି ଛୋଟମୋଟ ଫର୍ନିଚର୍ ତିଆରି କରି ଦେଉଥିଲେ । ମାତ୍ର ୨୦ ବର୍ଷ ବୟସରେ ପ୍ରୀତି ଏକ କାଠ ଆଲମାରି ତିଆରି କରିବାରେ ସଫଳ ହୋଇଥିଲେ ଆଉ ତାକୁ ବିକି କିଛି ପଇସା ବି ପାଇଥିଲେ । ତା'ପରେ ପ୍ରୀତିଙ୍କର ବାହାଘର ହୋଇଗଲା । ଆଉ ସେ ଆସି ନାଗପୁରର ୱାଠୋଡ଼ାରେ ସ୍ୱାମୀଙ୍କ ସହ ଘରସଂସାର କରିବାକୁ ଲାଗିଲେ । ପ୍ରୀତିଙ୍କ ସ୍ୱାମୀ ଜଣେ ଡ୍ରାଇଭର୍ ଥିଲେ । କ୍ରମେ ତିନୋଟି ଝିଅର ମା' ହେଲେ ପ୍ରୀତି । ପରିବାର ଖର୍ଚ୍ଚ ବଢିଲା । ସ୍ୱାମୀଙ୍କ ରୋଜଗାରରେ ଘର ଖର୍ଚ୍ଚ ସମ୍ଭାଳିବା କ୍ରମେ କଷ୍ଟ ହେବାକୁ ଲାଗିଲା । ଏ କ୍ଷେତ୍ରରେ ପ୍ରୀତି ନିଜେ କିଛି ରୋଜଗାର କରିବାକୁ ଚିନ୍ତା କଲେ । ବାପାଙ୍କଠାରୁ ଯେଉଁ କାରପେଣ୍ଟର କଳା ଶିଖିଥିଲେ ତାକୁ ହିଁ ଆଧାର କରି କିଛି କରିବାକୁ ସେ ଅଣ୍ଟା ଭିଡ଼ିଲେ । ଏଥିରେ ପ୍ରୀତିଙ୍କୁ ତାଙ୍କ ବାପା ଓ ସ୍ୱାମୀ ପୂର୍ଣ୍ଣ ସହଯୋଗ କଲେ । ପ୍ରଥମେ ଏକ ଛୋଟ ଦୋକାନ ଭଡ଼ା ନେଇ ନିକଟ ସମ୍ପର୍କୀୟଙ୍କଠାରୁ ଅର୍ଡର ଆଣି ପ୍ରୀତି ନିଜର କାରପେଣ୍ଟର କାର୍ଯ୍ୟ ଆରମ୍ଭ କଲେ । ପ୍ରଥମେ ପ୍ରଥମେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ପ୍ରୀତିଙ୍କୁ ଏଭଳି କାଠକାମ କରୁଥିବାର ଦେଖି ବଡ଼ ଅଜବ ଲାଗୁଥିଲା । କିନ୍ତୁ ଯେତେବେଳେ ସେମାନେ ପ୍ରୀତିଙ୍କ ହାତ ତିଆରି ସୁନ୍ଦର ସୁନ୍ଦର ଡିଜାଇନ୍‌ର ଆସବାବପତ୍ର, ଆଲମାରୀ, ଖଟ, ପଲଙ୍କ ଆଦି ଦେଖିଲେ, ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିବାକୁ ଲାଗିଲେ । ଧୀରେ ଧୀରେ ପ୍ରୀତିଙ୍କର ଖୁବ୍ ନାଁ ହେଲା ଆଉ ତାଙ୍କୁ ଭଲ କାମ ବି ମିଳିଲା । ଯଦ୍ୱାରା ତାଙ୍କ ପରିବାରର ଆର୍ଥିକ ସ୍ଥିତି ସୁଧୁରିଗଲା । ସତରେ ପ୍ରୀତିଙ୍କର ଏହି ଦାୟିତ୍ୱବୋଧ ଓ ସଂଘର୍ଷମୟ ଜୀବନ ଏ ସମାଜ ପାଇଁ ଏକ ଉଦାହରଣ ।

**ବାପାଙ୍କ ସ୍ୱପ୍ନ ପୂରଣ ପାଇଁ ଡଲି ସାଜିଲେ ବସ୍ କଣ୍ଡକ୍ଟର:** ପଶ୍ଚିମବଙ୍ଗର **ଡଲି ରାଣା** । ବୟସ ଏବେ ତାଙ୍କୁ ପ୍ରାୟ ୫୮ ବର୍ଷ ହେବ । ଏ ବୟସରେ ଯେଉଁଠି ଅଧିକାଂଶ ମହିଳା ପରିବାର ଗହଣରେ ରହି ବେଶ୍ ଆରାମରେ ଜୀବନ ଜିଇଁଥାନ୍ତି, ସେ ବୟସରେ କିନ୍ତୁ ଡଲି ପରିବାରର ଖର୍ଚ୍ଚ ତୁଲାଇବା ସହ ବାପାଙ୍କର ଶେଷ ଇଚ୍ଛା ପୂରଣ କରିବାକୁ ନିଇତି ସକାଳୁ ନିଜ କର୍ମକ୍ଷେତ୍ରକୁ ବାହାରିଯାନ୍ତି । ହାଓଡା ବସ୍ ଷ୍ଟାଣ୍ଡ ହେଉଛି ତାଙ୍କ କର୍ମକ୍ଷେତ୍ର । ସେଠାରେ ତାଙ୍କୁ ତାଙ୍କ ବସ୍ ଅପେକ୍ଷା କରି ରହିଥାଏ । ଡଲି ପହଞ୍ଚିବା ପରେ ଧର୍ମତଲା ଧର୍ମତଲା ବୋଲି ଡାକ ଛାଡ଼ନ୍ତି । ତାଙ୍କ ଡାକ ଶୁଣି ଯେଉଁ ପାସେଞ୍ଜରଙ୍କର ଧର୍ମତଲା ଆଡ଼େ ଯିବାର ଥାଏ, ସେମାନେ ଯାଇ ଡଲିଙ୍କ ବସ୍‌ରେ ବସନ୍ତି । ତା'ପରେ ବସ୍ ଛାଡ଼େ । ପାସେଞ୍ଜରମାନେ ବସ୍ ସିଟ୍‌ରେ ବସିଥିବାବେଳେ ଡଲି କିନ୍ତୁ ଠିଆ ହୋଇଥାନ୍ତି ବସ୍ ଗେଟ୍ ପାଖରେ । ବସ୍ ଚାଲୁଥିବାବେଳେ ରାସ୍ତାରେ ଠିଆ ହୋଇଥିବା ଆଉ କେଉଁ ପାସେଞ୍ଜର ହାତ ଦେଖାଇଲେ, ସେ କୁଆଡ଼େ ଯିବେ ବୋଲି ବୁଝି ଡଲି ତାଙ୍କୁ ବସ୍‌କୁ ଉଠାନ୍ତି, ନାହିଁ ତ ଗାଡ଼ି ଚଳେଇବାକୁ ବସ୍ ଡ୍ରାଇଭରଙ୍କୁ ସେ କହିଥାନ୍ତି । ବସ୍‌ରେ ପାସେଞ୍ଜର ଭର୍ତ୍ତି ହୋଇଗଲେ ସେମାନଙ୍କ ଟିକେଟ୍ କାଟିବାକୁ ଡଲି ଗେଟ୍ ଛାଡ଼ି ବସ୍ ଭିତରକୁ ଯାଆନ୍ତି । କିଏ କେଉଁଠିକି ଯିବେ ସେକଥା ବୁଝି ସେଇ ଅନୁଯାୟୀ ପାସେଞ୍ଜରଙ୍କଠାରୁ ଡଲି ଟିକେଟ୍ କାଟି ପୁଣି ବସ୍ ଗେଟ୍ ପାଖକୁ ଫେରିଆସନ୍ତି । ଏମିତି କାମ ତାଙ୍କୁ ନିୟମିତ କରିବାକୁ ପଡେ । କାରଣ ଡଲି ହେଲେ ଜଣେ ବସ୍ କଣ୍ଡକ୍ଟର । ତେବେ କେଉଁ ପରିସ୍ଥିତିରେ ପଡ଼ି ଡଲି ଏଭଳି ଏକ ପୁରୁଷ ପ୍ରଧାନ କାମକୁ ଆପଣେଇ ନେଲେ, ସେ ସମ୍ପର୍କିତ ଘଟଣାଟି ଥିଲା ଏମିତି: ଡଲି ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ନେଇଥିଲେ । ମା'ବାପାଙ୍କର ଭାରି ଗେହ୍ଲା ଥିଲେ । ତାଙ୍କ ବାପାଙ୍କର ଏକ ଇଚ୍ଛା ଥିଲା  ଯେ ସେ ଏକ ବସ୍ କିଣିବେ । କିନ୍ତୁ ସ୍ୱପ୍ନକୁ ବାସ୍ତବ ରୂପ ଦେବା ପୂର୍ବରୁ ସେ ଆଖି ବୁଜିଦେଲେ । ବାପାଙ୍କର ସେଇ ଶେଷ ଇଚ୍ଛାକୁ ପୂରଣ କରିବାକୁ ଡଲି ଅଣ୍ଟା ଭିଡ଼ିଲେ । ଧାରକରଜ କରି ସେ ଏକ ବସ୍ କିଣିଲେ ଏବଂ ତାକୁ ଭଡ଼ାରେ ଦେଇଦେଲେ । କିନ୍ତୁ ସେଥିରୁ ବିଶେଷ କିଛି ଲାଭ ହେଲାନି, ଯଦ୍ୱାରା ସେ କରଜ ଠିକ୍‌ରେ ଶୁଝି ପାରିଲେନି । ନାନା ଲୋକଙ୍କର ନାନା କଥା ତାଙ୍କୁ ଶୁଣିବାକୁ ପଡିଲା । ତା'ପରେ ସେ ନିଜେ ବସ୍ ଚଲାଇବେ ବୋଲି ନିଷ୍ପତ୍ତି ନେଇ ଘରୁ ଗୋଡ଼ କାଢିଲେ । କିନ୍ତୁ ଡ୍ରାଇଭିଂ ପରିବର୍ତ୍ତେ ସେ ନିଜ ବସ୍‌ର କଣ୍ଡକ୍ଟର ଦାୟିତ୍ୱ ନେଲେ । ଏ କାମ ତାଙ୍କ ପକ୍ଷେ ସେତେ ସହଜ ନ ଥିଲା । ଜଣେ ନାରୀ ହୋଇ ଏଭଳି ପୁରୁଷ ପ୍ରଧାନ କାମ କରୁଥିବାରୁ ତାଙ୍କୁ ଲୋକଙ୍କର ବହୁ ଟାହିଟାପରା ଶୁଣିବାକୁ ପଡୁଥିଲା । ଏଭଳି ପରିସ୍ଥିତିରେ ବି ସେ ଭାଙ୍ଗି ନ ପଡି ନିଜକୁ ଦମ୍ଭ କଲେ ଆଉ ବାପାଙ୍କର ଶେଷ ଇଚ୍ଛାକୁ ପୂରଣ କରିବାକୁ ସବୁ ଦୁଃଖ କଷ୍ଟକୁ ହସି ହସି ସହି ଚାଲିଲେ । ତାଙ୍କର ଉତ୍ତମ ବ୍ୟବହାର ତାଙ୍କୁ ଏ କ୍ଷେତ୍ରରେ ତିଷ୍ଠିବା ପାଇଁ ବହୁତ ସାହାଯ୍ୟ କଲା । ଫଳରେ ତାଙ୍କର ଭଲ ଦୁଇପଇସା ରୋଜଗାର ହେଲା, ଆଉ ସେଥିରେ ସେ ଧୀରେ ଧୀରେ କରଜ ଶୁଝିବାକୁ ଲାଗିଲେ । ସେବେଠାରୁ ହିଁ ଡଲି ପରିବାରର ଦାୟିତ୍ୱ ସମ୍ଭାଳିବା ସହ ନିଜ ବସ୍‌ର କଣ୍ଡକ୍ଟର କାମ କରିଆସୁଛନ୍ତି । ବାପାଙ୍କର ସ୍ୱପ୍ନକୁ ପୂରଣ କରିପାରିଥିବାରୁ ସେ ବେଶ୍ ଖୁସି ବି ଅଛନ୍ତି । ଏବେ ତ ଅନେକ ମହିଳା ଏ କର୍ମକୁ ଆପଣେଇଥିବା ଦେଖିବାକୁ ମିଳୁଛି । କିନ୍ତୁ ଡଲିଙ୍କ କଥା ଟିକେ ନିଆରା । ପ୍ରତିଦିନ ଶାଢି ପିନ୍ଧି ସେ ଯେଉଁ କଣ୍ଡକ୍ଟର କାମ କରନ୍ତି ତାହା ସତରେ ବିରଳ ।

ଏଥିରୁ ଅନୁମାନ କରିହୁଏ ଯେ, ପରିବାରର ଦାୟିତ୍ୱ ନେବା ଆଉ ତାକୁ ସୁଚାରୁରୂପେ ତୁଲାଇବା ସେତେ ସହଜସାଧ୍ୟ ନୁହେଁ । ଏଥିପାଇଁ ବହୁ କଷ୍ଟ ସହିବାକୁ ପଡେ, ସଂଘର୍ଷ କରିବାକୁ ହୁଏ, ନିଜ ଖୁସିକୁ ଭୁଲି ଅନ୍ୟ ମୁହଁରେ ହସ ଦେବାକୁ ହୁଏ । ଆଉ ବେଳେବେଳେ କିଛି ଏମିତି କଥା ଶୁଣିବାକୁ ହୁଏ, ଯାହା ହୃଦୟକୁ ଆଘାତ ଦେଉଥିଲେ ବି ତାକୁ ସହି ନିଜ କର୍ମପଥରେ ଆଗେଇବାକୁ ପଡ଼େ । ଏଇ ଯେମିତି ଏମାନେ କରିଛନ୍ତି । ପରିବାରର ଦାୟିତ୍ୱ ସମ୍ଭାଳିବାକୁ ଯାଇ ଏମିତି କିଛି ଚିରାଚରିତ ପୁରୁଷ ପ୍ରଧାନ କର୍ମକୁ ଆପଣେଇ ଅନେକରେ ଏକ ହେବାକୁ ଚେଷ୍ଟା କରିଛନ୍ତି ଆଉ ସେଥିରେ ସଫଳତା ବି ପାଇଛନ୍ତି ।

–ଅନ୍ୱିତା ମିଶ୍ର



# କାର୍ଗିଲ ବୀରାଙ୍ଗନା


ଗୁଞ୍ଜନ ସକ୍ସେନା

**ଭାରତୀୟ ସୈନ୍ୟଙ୍କ ଅଦମ୍ୟ ସାହସ ଓ ବଳିଦାନର ଫଳସ୍ୱରୂପ ୧୯୯୯ ମସିହାର କାର୍ଗିଲ ଯୁଦ୍ଧରେ ଭାରତମାତା ପିନ୍ଧିଥିଲେ ବିଜୟର ତିଳକ। ତେବେ ଅନେକେ ହୁଏତ ଜାଣି ନ ଥିବେ ଏହି ଯୁଦ୍ଧରେ ହିଁ ପ୍ରଥମ ଥର ପାଇଁ ଦୁଇଜଣ ମହିଳା ପାଇଲଟ୍ ସକ୍ରିୟ ଯୁଦ୍ଧଭୂମିକୁ ଓହ୍ଲାଇବାର ସୁଯୋଗ ପାଇଥିଲେ। ଆଉ ନିଜର ସାହସ ଓ ସୌର୍ଯ୍ୟରେ ନୂଆ ଏକ ଇତିହାସ ରଚିଥିଲେ। ସେମାନେ ହେଉଛନ୍ତି ଗୁଞ୍ଜନ ସକ୍ସେନା ଓ ଶ୍ରୀବିଦ୍ୟା ରାଜନ୍ ।**

୧୯୯୯ ମସିହାରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିଲା କାର୍ଗିଲ ଯୁଦ୍ଧ। ପ୍ରାୟ ୬୦ ଦିନର ଯୁଦ୍ଧ ପରେ ଜୁଲାଇ ୨୬ ତାରିଖରେ ଯୁଦ୍ଧର ଅବସାନ ଘଟିଥିଲା। ଭାରତୀୟ ସୈନ୍ୟଙ୍କ ଅଦ୍ୟମ ସାହସ ଓ ବଳିଦାନର ଫଳସ୍ୱରୂପ ଭାରତମାତା ପିନ୍ଧିଥିଲେ ବିଜୟର ତିଳକ। ନିଜ ପ୍ରାଣର ଆହୁତି ଦେଇ ଭାରତକୁ ବିଜୟ ପ୍ରଦାନ କରିଥିବା ସେହି ସାହସୀ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲାଗି ପ୍ରତିବର୍ଷ ଜୁଲାଇ ୨୬ ତାରିଖକୁ 'କାର୍ଗିଲ ବିଜୟ ଦିବସ' ପାଳନ କରାଯାଉଛି। ସମସ୍ତେ ଜାଣନ୍ତି ଯେ ଏହି ଯୁଦ୍ଧରେ ଭାରତୀୟ ସେନାଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଥିଲା। ହେଲେ ଅନେକେ ହୁଏତ ଜାଣି ନ ଥିବେ ଏହି ଯୁଦ୍ଧରେ ହିଁ ପ୍ରଥମ ଥର ପାଇଁ ଦୁଇଜଣ ମହିଳା ସକ୍ରିୟ ଯୁଦ୍ଧରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଥିଲେ। ସେମାନେ ହେଉଛନ୍ତି ମହିଳା ପାଇଲଟ୍ **ଗୁଞ୍ଜନ ସକ୍ସେନା** ଓ **ଶ୍ରୀବିଦ୍ୟା ରାଜନ୍**। ଅଦମ୍ୟ ସାହସର ପ୍ରଦର୍ଶନ କରି ଦୁହେଁ ରଚିଥିଲେ ନୂଆ ଏକ ଇତିହାସ। ସେମାନଙ୍କର ସେହି ସାହସିକତାର ଗାଥା ଥିଲା ଏମିତି...

ଗୁଞ୍ଜନ ସକ୍ସେନାଙ୍କ ଜନ୍ମ ସେନା ପରିବାରରେ ହୋଇଥିଲା। ବାପା ଓ ଭାଇ ଉଭୟେ ଭାରତୀୟ ସେନାରେ ଲ୍ୟୁଟ୍‌ନାଣ୍ଟ କର୍ନେଲ ଥିଲେ। ଦେଶସେବା ପାଇଁ ସମର୍ପିତ ପରିବାରର ହୋଇଥିବାରୁ ଗୁଞ୍ଜନଙ୍କ ମନରେ ବି ଦେଶସେବା ପାଇଁ ପିଲାଟି ଦିନରୁ ପ୍ରବଳ ଆଗ୍ରହ ଥିଲା। ସେ ସମୟରେ ସେନା ସମ୍ପୂର୍ଣ୍ଣଭାବେ ପୁରୁଷ ପ୍ରାଧାନ୍ୟ ଥିଲା। ମହିଳାମାନଙ୍କୁ ସେନାରେ ସୁଯୋଗ ଦିଆଯାଉ ନ ଥିଲା। କେବଳ ମେଡିକାଲ ବିଭାଗରେ କାମ କରିବାର ମଞ୍ଜୁରୀ ଥିଲା। ପରେ ଯେତେବେଳେ ଭାରତ ସରକାର ମହିଳାଙ୍କୁ ପାଇଲଟ୍ ହେବାର ସୁଯୋଗ ଦେଲେ ଗୁଞ୍ଜନ ଏଥିରେ ଆବେଦନ କରିଥିଲେ। ଫିଜିକ୍ସରେ ସ୍ନାତକ କରିବାପରେ ୧୯୯୪ ମସିହାରେ ସେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ। ୧୯୯୬ରେ ଇଣ୍ଡିଆନ ଏୟାରଫୋର୍ସର ଚତୁର୍ଥ ପାଇଲଟ୍ ବ୍ୟାଚ୍‌ର ସଦସ୍ୟ ହେଲେ। ତାଲିମ ନେଉଥିବା ୨୫ ଜଣ ମହିଳାଙ୍କ ଭିତରେ ସେ ଥିଲେ ଅନ୍ୟତମ। ପରେ ଫ୍ଲାଇଂ ଅଫିସର ଭାବେ ସକ୍ସେନାଙ୍କ ପ୍ରଥମ ପୋଷ୍ଟିଂ ହେଲା ଜମ୍ମୁ କଶ୍ମୀରର ଉଧମପୁରରେ।


ଶ୍ରୀବିଦ୍ୟା ରାଜନ୍




ଗୁଞ୍ଜନ ସକ୍ସେନା

ଅନ୍ୟପକ୍ଷେ କେରଳର ପଲକ୍କଡ଼ ଜିଲାର ଥାଥମଙ୍ଗଲମ୍ ନାମକ ଏକ ଛୋଟିଆ ଗାଁରେ ଜନ୍ମିତ ଶ୍ରୀବିଦ୍ୟା ରାଜନ୍‌ଙ୍କର ପୋଷ୍ଟିଂ ବି ହୋଇଥିଲା ସେହିଠାରେ। ରାଜନ୍‌ଙ୍କ ବାପା ଭାରତୀୟ ସେନାରେ ସୁବେଦାର ମେଜର ଓ ମା' ଥିଲେ ଶିକ୍ଷୟିତ୍ରୀ। ସେ ତାଙ୍କ ଭାଇ ଭଉଣୀ ଓ ମା'ଙ୍କ ସହ ଗାଁରେ ରହୁଥିଲେ। ଛୁଟିରେ ବାପାଙ୍କ ପୋଷ୍ଟିଂ ସ୍ଥାନକୁ ଯାଉଥିଲେ। ଶ୍ରୀବିଦ୍ୟାଙ୍କ ଇଚ୍ଛା ଥିଲା ପାଇଲଟ୍ ହେବା। ତେଣୁ ବଡ଼ ହେବା ପରେ ଶ୍ରୀବିଦ୍ୟା ଭାରତୀୟ ବାୟୁ ସେନାରେ ଆବେଦନ କରିଥିଲେ।

ଶେଷରେ ବହୁତ କଷ୍ଟ ପରେ ସେ ଇଣ୍ଡିଆନ ଏୟାରଫୋର୍ସର ଚତୁର୍ଥ ପାଇଲଟ୍ ବ୍ୟାଚ୍‌ର ସଦସ୍ୟ ହେଲେ। ଦେଢ ବର୍ଷର କଠିନ ତାଲିମ ପରେ ତାଙ୍କର ଜମ୍ମୁ କଶ୍ମୀର ସେକ୍ଟରର ଉଧମପୁରରେ ପୋଷ୍ଟିଂ ହେଲା। ସେଠାରେ ସେ ଉଡାଣ ଭରିବାର ତାଲିମ ନେଲେ। ଶ୍ରୀବିଦ୍ୟା ଯେଉଁ ଟିମ୍‌ରେ ଥିଲେ ସେ ଟିମ୍‌ରେ ୨୫ଜଣ ମହିଳା ପାଇଲଟ୍ ଥିଲେ । ଯେଉଁଥିରେ ଗୁଞ୍ଜନ ସକ୍ସେନା ଥିଲେ ଅନ୍ୟତମ। ଉଭୟ ଗୁଞ୍ଜନ ଓ ଶ୍ରୀବିଦ୍ୟା ଥିଲେ ଗୋଟିଏ ଟିମ୍‌ରେ। ୧୯୯୯ ମସିହାରେ କାର୍ଗିଲ ଯୁଦ୍ଧ ହେଲା। ସେମାନେ ଯୁଦ୍ଧସ୍ଥାନର ନିକଟବର୍ତ୍ତୀରେ ଥିବାରୁ ଉଭୟଙ୍କୁ କାର୍ଗିଲ ଯୁଦ୍ଧରେ ସାମିଲ ହେବାକୁ ନିର୍ଦ୍ଦେଶ ଦିଆଗଲା। ପ୍ରଥମ ଥର ପାଇଁ ଯୁଦ୍ଧକ୍ଷେତ୍ରରେ ଏହି ଦୁଇ ମହିଳାଙ୍କୁ ଯୋଗ ଦେବାର ସୁଯୋଗ ମିଳିଲା। ଉଭୟଙ୍କୁ ଦ୍ରାସ ଓ ବଟାଲିକ ଘାଟିରେ ଥିବା ଭାରତୀୟ ସୈନିକଙ୍କୁ ଔଷଧ ଓ ଖାଦ୍ୟ ପହଞ୍ଚାଇବାର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ତା'ସହ ଆହତ ସୈନିକଙ୍କୁ ଶ୍ରୀନଗର ଆର୍ମି ବେସ୍ ହସ୍ପିଟାଲ ପର୍ଯ୍ୟନ୍ତ ପହଞ୍ଚାଇବାର ଦାୟିତ୍ୱ ଦିଆଯାଇଥିଲା। ଉଭୟେ ନିଜ ନିଜ ଚିତା ହେଲିକପ୍ଟରରେ ଉଡାଣ ଭରିଲେ। ସେମାନଙ୍କ ପାଖରେ ନ ଥାଏ କିଛି ହାତହତିଆର। ପାକିସ୍ତାନ ପକ୍ଷରୁ ଚାଲିଥାଏ ପ୍ରବଳ ଗୁଳିଗୋଳା ବର୍ଷଣ। ତା'ରି ଭିତରେ ନିଜକୁ ବଞ୍ଚାଇ ଭାରତୀୟ ସୈନିକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ସାହାଯ୍ୟ ପହଞ୍ଚାଇଥିଲେ। ଆହତ ସୈନିକଙ୍କୁ ଆର୍ମି ବେସ୍ ହସ୍ପିଟାଲ ପର୍ଯ୍ୟନ୍ତ ଆଣିଥିଲେ। ଏହାବାଦ୍ ଏହି ଦୁଇ ପାଇଲଟ୍‌ଙ୍କର ଆଉ ଏକ କାମ ଥିଲା ପାକିସ୍ତାନୀ ସେନାର ସ୍ଥିତି ନିରୀକ୍ଷଣ କରିବା। ଯେଉଁଥିପାଇଁ ସେମାନେ ଅନେକ ଥର ଲାଇନ୍ ଅଫ୍ କଣ୍ଟ୍ରୋଲର ବହୁତ ନିକଟରେ ଉଡାଣ ଭରିଥିଲେ। ଅନେକ ଥର ୧୩,୦୦୦ରୁ ୧୮,୦୦୦ ଫୁଟ୍ ଉଚ୍ଚତାରେ ଥିବା ଅସ୍ଥାୟୀ ଲାଣ୍ଡିଂ ଗ୍ରାଉଣ୍ଡରେ ନିଜ ହେଲିକପ୍ଟରକୁ ଓହ୍ଲାଇଛନ୍ତି, ଯାହାକି କୌଣସି ନୂଆ ପାଇଲଟ୍ ପାଇଁ ଆଦୌ ସହଜ ନୁହେଁ। ପ୍ରବଳ ଗୁଳିଗୋଳା, ମିଶାଇଲ ବର୍ଷଣ ଭିତରେ ବି ସେମାନଙ୍କୁ ହେଲିକପ୍ଟର ଉଡାଇବାକୁ ପଡୁଥିଲା। ଥରେ ଯେତେବେଳେ ଗୁଞ୍ଜନ ଉଡାଣ ଭରୁଥିଲେ ପାକିସ୍ତାନୀ ସେନା ତାଙ୍କ ହେଲିକପ୍ଟର ଉପରକୁ ମିଶାଇଲ ଛାଡିଥିଲେ। ଏହି ଆକ୍ରମଣରେ ଗୁଞ୍ଜନଙ୍କ ହେଲିକପ୍ଟର ଅଳ୍ପକେ ବର୍ତ୍ତିଯାଇଥିଲା। ଆଉ ମିଶାଇଲ ନିକଟସ୍ଥ ଏକ ବଡ଼ ପଥରରେ ବାଜି ଚୂର୍‌ମାର୍ ହୋଇଯାଇଥିଲା। ମୃତ୍ୟୁର ଏତେ ନିକଟବର୍ତ୍ତୀ ହୋଇ ବି ଗୁଞ୍ଜନଙ୍କର ସାହସ କମି ନ ଥିଲା। ସେ ପୁଣି ସାଥୀମାନଙ୍କ ସାହାଯ୍ୟରେ ଲାଗିପଡିଥିଲେ। ଉଭୟ ଗୁଞ୍ଜନ ଓ ଶ୍ରୀବିଦ୍ୟା ଅଦମ୍ୟ ସାହସର ସହ ଶହ ଶହ ଆହତ ଓ ମୃତକଙ୍କୁ ଆଣି ଆର୍ମି ବେସ୍ ହସ୍ପିଟାଲରେ ପହଞ୍ଚାଇଥିଲେ। ଏହି ଦୁଇ ମହିଳା ପାଇଲଟ୍‌ଙ୍କ ସାହସିକତା ପାଇଁ ଭାରତୀୟ ସେନା ଓ ବାୟୁ ସେନାରେ ମହିଳାଙ୍କୁ ନେଇ ଯେଉଁ ଚିନ୍ତାଧାରା ଥିଲା ତାହା ପରିବର୍ତ୍ତିତ ହେଲା। ମହିଳାମାନଙ୍କୁ ପାଇଲଟ୍, ଟେକ୍‌ନିକାଲ ବିଭାଗ ବ୍ୟତୀତ ଯୁଦ୍ଧ ସହ ଜଡ଼ିତ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିବାର ସୁଯୋଗ ମିଳିଲା। ଗୁଞ୍ଜନଙ୍କୁ ସମ୍ମାନଜନକ 'ସୌର୍ଯ୍ୟ ଚକ୍ର' ସମ୍ମାନରେ ସମ୍ମାନିତ କରାଗଲା। ଗୁଞ୍ଜନ 'ଦ କାର୍ଗିଲ ଗର୍ଲ' ଭାବେ ପରିଚିତ ହେଲେ। ତାଙ୍କ ଜୀବନୀ ଉପରେ ଏକ ଚଳଚ୍ଚିତ୍ର ବି ହୋଇଛି। ହେଲେ ଶ୍ରୀବିଦ୍ୟାଙ୍କ ସାହସିକତା କିନ୍ତୁ ରହିଗଲା ଦୃଷ୍ଟି ଆଢୁଆଳରେ।

**– ଶିବାନୀ ମହାନ୍ତି**

# ଗୀତି କବିତା ହୃଦୟର ଅଭିସାର



କବି ବିପିନ ମହାନ୍ତି ଗୀତି-କବିତା ରଚନା କ୍ଷେତ୍ରରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ। ତାଙ୍କ ଗୀତି-କବିତାର ମୁଖ୍ୟ ସ୍ୱର ହେଉଛି ପ୍ରେମ। ଜୀବନର ଆଦ୍ୟ ସୋପାନରେ ମା'ବାପାଙ୍କୁ ହରାଇଥିବା କବି ପରିବାରର ଭାରକୁ ଭରଣା କରିବାକୁ ଭାରତୀୟ ବାୟୁସେନାରେ ଯୋଗ ଦିଅନ୍ତି। ଗାଁ, ମାଆ, ମାଟି ପ୍ରେମରେ କଟିଛି ତାଙ୍କର ଯୁବସୁଲଭ ଚପଳତା ଆଉ ତାରୁଣ୍ୟର ତୂର୍ଯ୍ୟନାଦରେ ସୈନିକର ଶୌର୍ଯ୍ୟ।

୨୬ ଏପ୍ରିଲ ୧୯୬୦ରେ ଅଧୁନା ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ଶାସନ ଗ୍ରାମରେ ଏକ ମଧ୍ୟବିତ୍ତ ପରିବାରରେ ତାଙ୍କର ଜନ୍ମ। ମାତା କାଞ୍ଚନବାଳା ଏବଂ ପିତା ସ୍ୱର୍ଗତ ବାମନ ଚରଣ ମହାନ୍ତି। ତାଙ୍କ ବାଲ୍ୟବସ୍ଥା ଖୁବ୍ କଷ୍ଟ ଓ ସଂଘର୍ଷମୟ।

ପ୍ରାଣନାଥ କଲେଜ ଖୋର୍ଦ୍ଧାରେ ପଢୁଥିବା ସମୟରେ ୧୯୭୮ ମସିହାରେ ସେ ଯୋଗଦିଅନ୍ତି ଭାରତୀୟ ବାୟୁସେନାରେ। ସେନାରୁ ସ୍ୱେଚ୍ଛାକୃତ ଅବସର ପରେ ସେ ରାଜ୍ୟ ସରକାରଙ୍କ ଖଣି ଓ ଭୂତ୍ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ରହି ଅବସର ଗ୍ରହଣ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ କଳାରେ ସ୍ନାତକ ଓ କାନପୁର ବିଶ୍ୱବିଦ୍ୟାଳୟରୁ ସମାଜଶାସ୍ତ୍ରରେ ସ୍ନାତକୋତ୍ତର ଓ ଆଇନ ଡିଗ୍ରୀ ପ୍ରାପ୍ତ କରିଛନ୍ତି।

ସୈନ୍ୟ ବିଭାଗରେ ଯୋଗଦେବା ପରେ ପରେ ମା'ବାପାଙ୍କର ଦେହାନ୍ତ, ଆଉ ସେମାନଙ୍କୁ ମୁଖାଗ୍ନି ନ ଦେଇ ପାରିବାର ଦୁଃଖଦ ମୁହୂର୍ତ୍ତକୁ ଏବେଯାଏ ଭୁଲି ପାରିନାହାନ୍ତି ସେ। ଅଭାବ କେମିତି ଗୋଟିଏ ସ୍ୱପ୍ନ ଆଉ ସମ୍ଭାବନାକୁ ନିଥର କରିଦିଏ, ଅତି ନିକଟରୁ ଦେଖିଛନ୍ତି ସେ। ଏକୋଇର ବଳା ବିଶିକେଶନ ହୋଇ ସେ ସମୟରେ ସେନାରେ ଯୋଗଦାନକୁ ସହଜରେ ଗ୍ରହଣ କରୁ ନ ଥିଲା ପରିବାର। ବୋଉର ଛଳଛଳ ଆଖି, ବାପାଙ୍କର ନୀରବତାଠୁ ବିଦାୟ ନେବା ବୋଧହୁଏ ଶେଷ ବିଦାୟ ଥିଲା। ତିନି ତିନିଜଣ ଅବିବାହିତ ଭଉଣୀଙ୍କର ଦାୟିତ୍ୱ ଓ ନିଜର ବିବାହର ଦାୟିତ୍ୱ ବି ଥିଲା ନିଜ ଉପରେ। ସେ ସମୟର ସ୍ୱଳ୍ପ ଆୟ ଆଗରେ ବିରାଟ ସ୍ୱପ୍ନକୁ ସାକାର କରିବାର ସଂଘର୍ଷ ତାଙ୍କୁ କଠୋର କରିଛି ଜୀବନ ଜିଇବା ପାଇଁ। ପତ୍ନୀ ସରକାରୀ ସ୍କୁଲର ଶିକ୍ଷୟିତ୍ରୀ ଭାବେ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ପାହାଡ଼ ପରି ଆଉଜେଇ ନେଇଛନ୍ତି ତାଙ୍କୁ। ସେ କୁହନ୍ତି, 'ଦୁଃଖକୁ ଅତି ନିକଟରୁ ଦେଖିଛି ବୋଲି ମୁଁ ଲେଖୁଛି। ଜୀବନ ଭଗ୍ନାଂଶରେ ଭାବନାର ଭାଗଶେଷ ମୋ' କବିତାର ନିର୍ଯାସ।'




> "କବିତା ଲେଖିବା ଏତେ ସହଜ ନୁହେଁ। ମନୋଇ ପ୍ରେମିକାକୁ ମନେଇ ହେବ, କିନ୍ତୁ କବିତାକୁ ନୁହଁ। ସେତିକି ଶ୍ରଦ୍ଧା ନ କଲେ ଶବ୍ଦ ଧରା ଦିଏନି କି କୋମଳ କବିତାର କରୁଣା ଟିକିଏ ସାଦା କାଗଜର ଛାତିକି ବିଦାରି ଧରାବତରଣ କରେନି।"

ତାଙ୍କ କବିତା ପ୍ରେମର ଗୋଟିଏ ଗୋଟିଏ ଦସ୍ତାବିଜ୍। ତେବେ ପ୍ରେମ କବିତାର ପୃଷ୍ଠଭୂମି ସେ କିପରି, କେମିତି ଓ କାହା ପାଇଁ ବୋଲି ପଚାରିଲେ ସେ କୁହନ୍ତି, ପ୍ରେମ ମୋ' ପାରିଲାପଣରେ ନୁହେଁ ବରଂ ହରେଇବାର ହତାଶାରେ ମୁହ୍ୟମାନ। ପ୍ରେମ ଏକ ନୀରବ ନିବେଦନର ଅବ୍ୟକ୍ତ ଅଭିବ୍ୟକ୍ତି। ଗୀତି-କବିତା ହୃଦୟର ଅଭିସାର। ଭୋଗିଛି ବୋଲି ମୁଁ ଭାବନାକୁ ଭାବରେ ରୂପାନ୍ତରିତ କରିଛି। ସୀମାନ୍ତର ଏକାକୀତ୍ୱ ମୋତେ ଗାଁ, ମାଆ, ମାଟିକୁ ଝୁରିବା ପାଇଁ ତିଆରିଛି ଭିତ୍ତିଭୂମି। ନିଃସଙ୍ଗତା ମୋତେ ପ୍ରେମିକ କରିଛି। ସେଇଥିପାଇଁ ତ ବିରହର ବାରୁଦ ଗଦାରୁ ଉଦ୍‌ଗିରଣ ହୋଇଛି ପ୍ରେମର ପ୍ଲାବନ।'


କବିଙ୍କ ସୃଜନ ସାମ୍ରାଜ୍ୟ ଭିତରେ ରହିଛି 'ହଜାଇଛି ତୁମ ପ୍ରୀତିର ଠିକଣା' (ଛନ୍ଦ କବିତା), 'ଦୁଷ୍ଟ ପ୍ରଜାପତି' (ଗୀତି-କବିତା), 'ଅଫେରା ଅତୀତ' (କବିତା), 'ଫୁଲେଇ ଫଗୁଣ' (ଗୀତି-କବିତା), 'ଟଗଲା ଚଇତି' (ଗୀତି-କବିତା), 'ପାପୁଲିଏ ପ୍ରେମ' (ଗୀତି-କବିତା) ଓ ଦୁଇଟି ଗଦ୍ୟ ସଂକଳନ 'ଭିନ୍ନ ଦୃଷ୍ଟି: ଦିବ୍ୟ ଦୃଷ୍ଟି' (ଆଲୋଚନା ଗ୍ରନ୍ଥ) ଓ 'କିଛି କଥା: କିଛି ବ୍ୟଥା'। 'ପାଉଁଜିର ପାଣ୍ଡୁଲିପି' ଏକ ସନେଟ୍ ସଂକଳନ ଏବେ ପ୍ରକାଶ ଅପେକ୍ଷାରେ। 'ଦୁଷ୍ଟ ପ୍ରଜାପତି' ତାଙ୍କର ପାଠକୀୟ ଶ୍ରଦ୍ଧା ଓ ଲେଖକୀୟ ସନ୍ତୁଷ୍ଟି ହୋଇଥିବା ଏକ ମହାର୍ଘ୍ୟ ସୃଷ୍ଟି ବୋଲି କବି ସ୍ୱୀକାର କରି କୁହନ୍ତି- ଗୀତି-କବିତା ଏକ ସମୟର ସ୍ୱୀକାରୋକ୍ତି।

ଜଣେ ପୂର୍ବତନ ବାୟୁସେନା କର୍ମଚାରୀ ଭାବେ ନିଜକୁ ଖୁବ୍ ଗର୍ବିତ ମନେକରନ୍ତି କବି। ଶ୍ରୀ ମହାନ୍ତି ଗୀତି-କବିତା ପାଇଁ ଓଡ଼ିଆ ଗୀତି କବି ସମାଜ, ବାଲିଘର ଫାଉଣ୍ଡେଶନ୍, କାଠଯୋଡ଼ି ସାହିତ୍ୟ ସଂସଦ, ଧ୍ୱନି ପ୍ରତିଧ୍ୱନି, ଆନନ୍ଦପୁର ସାହିତ୍ୟ ସଂସଦ, ବଣମଲ୍ଲୀ ସାହିତ୍ୟ ସଂସଦ, ନୀହାର କନ୍ୟା ସାହିତ୍ୟ ସଂସଦ, ଭଦ୍ରକ ସାହିତ୍ୟ ସଂସଦ, ତୁଷାର ଚାରିଟେବଲ୍ ଟ୍ରଷ୍ଟ, ଅଧିକାର ଫାଉଣ୍ଡେଶନ୍, ପ୍ରାଚୀଧାରା, ପ୍ରିୟପତ୍ର, ପରାଗ, ଉତ୍ତ୍ରଜା, ଶିଶୁ ଅନନ୍ତ ପୀଠ, ସାରସ୍ୱତ ସମାଜ ଭଳି ଅନେକ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ ମଧ୍ୟ ହୋଇଛନ୍ତି।


ସରଳ, ସାବଲୀଳ ଗ୍ରାମୀଣ ଶବ୍ଦର ସୁମଞ୍ଜୁଳ ସ୍ୱର ତାଙ୍କ ଗୀତି-କବିତାର ବୈଶିଷ୍ଟ୍ୟ। ସେ କୁହନ୍ତି, ଓଡ଼ିଶା ଏକ ଭାଷାଭିତ୍ତିକ ପ୍ରଦେଶ। ଅନ୍ୟ ଆଞ୍ଚଳିକ ଭାଷା ଅପେକ୍ଷା ଓଡ଼ିଆ ଭାଷାକୋଷ ବେଶ୍ ପରିପୁଷ୍ଟ। ଜଗତୀକରଣ ପ୍ରଭାବରେ ହେଉ ଅବା ସହରୀ ସଭ୍ୟତାର ପ୍ରବେଶରେ ଗାଆଁର ଚିତ୍ର ଚରିତ୍ର ଅବକ୍ଷୟର ଦ୍ୱାରଦେଶରେ। ହଳ ନାହିଁ, ଚାଳ ନାହିଁ, ଶଗଡ଼ ନାହିଁ, ସମ୍ପର୍କ ବି ସଂଶୟରେ, ସେଇଠି ଏ ସମ୍ପର୍କିତ ଶବ୍ଦକୁ ଲେଖକଟିଏ ହିଁ ପର ପିଢ଼ି ପାଇଁ ସଂରକ୍ଷିତ କରି ରଖିପାରିବ। ପାଠକୀୟତା ହାତେଇବାକୁ ନୁହେଁ, ହାସଲ କରିବାକୁ ହୁଏ। କବିତା ଲେଖିବା ଏତେ ସହଜ ନୁହେଁ। ମନୋଇ ପ୍ରେମିକାକୁ ମନେଇ ହେବ, କିନ୍ତୁ କବିତାକୁ ନୁହଁ। ସେତିକି ଶ୍ରଦ୍ଧା ନ କଲେ ଶବ୍ଦ ଧରା ଦିଏନି କି କୋମଳ କବିତାର କରୁଣା ଟିକିଏ ସାଦା କାଗଜର ଛାତିକି ବିଦାରି ଧରାବତରଣ କରେନି। ସେଇଥିପାଇଁ ତ କବିତା ମୋ' ହୃଦୟର ଅଭିସାର, ମୋ' ମାର୍ମିକ ଅନ୍ତର୍ବେଦନାର ଅଭିବ୍ୟକ୍ତି।

କବି କୁହନ୍ତି, ସମୟର ସ୍ୱର ବଦଳିଛି। ପୁଅ ବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀରେ ପରିପୂର୍ଣ୍ଣ ମୋର ପରିବାର। କିନ୍ତୁ ନୀରବ କୋଳାହଳ ମୋ' ଚତୁଃପାର୍ଶ୍ୱରେ। ଏବେ ବି ମୁଁ ସାଉଁଟୁଛି ସେଇ ସମୟକୁ, ସେଇ ଦୁଃଖକୁ ; ଯିଏ ମୋତେ ଜିଇବାର ମନ୍ତ୍ର ଦେଇଥିଲା ଏବଂ ମୋତେ କବି କରିଥିଲା।

-ପୌର୍ଣ୍ଣମାସୀ





# ଦୁଃଖ

**–ଡ଼. ନିର୍ମଳ ଚନ୍ଦ୍ର ଶୂରଦେଓ**

ଦୁଃଖ !
ଏକ ଅବ୍ୟକ୍ତ ଯନ୍ତ୍ରଣାର ପ୍ରତିରୂପ
ଅକୁହା କଥାର ଭାଗ୍ୟଲିପି
ସହି ହେଉ ନ ଥିବା
ଅନ୍ତଃର୍ଦାହର
ଏକ ସାର୍ଥକ ପ୍ରତିଲିପି ।।
ଦୁଃଖ !!
ଜୀବନକୁ ଆଗେଇ ନେବାର
ଏକ ଆତ୍ମପ୍ରକାଶ
ମୂହୁର୍ତ୍ତଗୁଡ଼ିକୁ ସଜାଇବାର
ଏକ ଅଝଟ ପଣ,
ଆଗକୁ କିଛି ହେବାର
ସୁନେଲି ଅଭାସ ।।
ଦୁଃଖ !!!
ଭାଗ୍ୟକୁ କୋଳେଇ ନେବାର
ଏକ ଅଦମ୍ୟ ପ୍ରୟାସ
ସୁଖକୁ ଦେଖି ନବାର
ଏକ ଆଦେଖା ଅଭିଲିପ୍ସା
ଜୀବନକୁ ଭଲ ପାଇବାର
ଏକ ପରମ ଆତ୍ମତୃପ୍ତି ;
ବଞ୍ଚି ରହିବାର
ଏକ ସରଳ ଗଣିତ ।।

*–ନୟାଗଡ, ମୋ: ୯୯୩୮୩୦୯୬୫୨*

# ଭୋକ : ଦୁଇଟି ସ୍କେଚ୍

**– ରୋଜାଲିନ୍ ମିଶ୍ର**

( ୧ )

ଓଭରବ୍ରିଜ୍ ତଳେ ଜରିପାଲଟାଏ ବିଛେଇଦେଇ ଦୀନୁ ବସିଛି ଯେ ବସିଛି । ଏ ପର୍ଯ୍ୟନ୍ତ ଅଧକିଲେ ସେଓ ବି ବିକ୍ରି ହୋଇନି ତା'ର । ସକାଳୁ ପେଟରେ ଦାନାଟାଏ ବି ପଡ଼ିନି । ଆଖିରୁ ଜୁଲୁଜୁଲିଆ ପୋକ ବାହାରିଲା ଭଳି ଲାଗୁଛି ତାକୁ । ସେଓ ଗୋଟାଏ ଖାଇଦେବ କି ? ନାଇଁ ନାଇଁ ଥାଉ ... ଧରାପଡ଼ିଯିବ ସେ ରତନ ପାଖରେ । ରତନ ସୁନା ଓଜନ କଲା ପରି ଓଜନକରି ଠିକ୍ ପାଞ୍ଚକିଲୋ ସେଓ ତାକୁ ଦେଇଛି । ପୁଣି ଫେରସ୍ତ ନେଲା ବେଳକୁ ବି ଠିକ୍ ସେମିତି ହିଁ ଓଜନ କରିକି ନେବ । ଆଉ ବିକ୍ରି ପଇସାଟାକୁ ବି ହିସାବ କରି ନେଇଯିବ । ଚୁକ୍ତି ଅନୁସାରେ ବିକ୍ରି ପଇସାରୁ ଅଳ୍ପ କିଛି ପାରିଶ୍ରମିକ ହିସାବରେ ପାଇବ ଦୀନୁ । ସେଇ ପଇସାରେ ସେ ତା' ଘରକୁ ଚାଉଳ, ଆଳୁ କିଛି କିଣିନେଲେ ତା' ଘରେ ଚୁଲି ଜଳିବ ।

ନାଃ .... ଆଉ ସମ୍ଭାଳି ହେବନି । ଭୋକରେ ପେଟ ମୋଡ଼ିଦେଲାଣି । ଦିନ ଦି'ଟାରୁ ଏଠି ସେ ବସିଛି ଯେ, ଆସି ମୁହଁ ସଞ୍ଜ ଧରିଲାଣି । ଏ ସେଓ ସବୁ ବିକ୍ରିହେବ କେତେବେଳେ ? ରତନ ତାକୁ ହିସାବକରି ପଇସା ଦେବ କେତେବେଳେ ଆଉ ତା' ବୋଉ ଚୁଲି ଲଗେଇ ଭାତ ଗଣ୍ଡେ ଫୁଟେଇବ କେତେବେଳେ ? ସେତେବେଳକୁ ତ ସେ ଭୋକରେ ମରିଯାଇଥିବ । ଝିପିଝିପି ବର୍ଷା ଲାଗି ରହିଛି ଯେ ବେପାର ମାନ୍ଦା । ସେଥିରେ ପୁଣି ରତନ ତାଗିଦ କରି କହିଛି ତାକୁ , ''କିଲୋ ଦୁଇଶ' ତିରିଶ ଡାକି ଦୁଇଶହରେ ବିକିବୁ । ଯଦି ସେଓ ବିକ୍ରି ନ ହୋଇପାରୁଛି କିଛି ଅସୁବିଧା ନାହିଁ , ଆଣି ଫେରେଇଦେଇ ଯିବୁ ରାତିକୁ, କିନ୍ତୁ ଦୁଇଶହରୁ ଟଙ୍କାଏ ବି କମ୍‌ରେ ଯେମିତି ବିକ୍ରି ନ ହୁଏ । ମୋ ମୂଳ ବୁଡ଼ିଯିବ ନ ହେଲେ ।''

ଓଃ .... କି ଭୋକ !! ଆଉ ସମ୍ଭାଳିହେଉନି । ବାଛି ବାଛି ହାତରେ ଛୋଟ ସେଓଟାଏ ଧରିଲା ଦୀନୁ । କ'ଣ ଟିକେ ଭାବିକି ପୁଣି ଥୋଇଦେଲା । ନା , ଥାଉ .... ଏ ତ ଏକ ପ୍ରକାର ଚୋରି !! ଚୋରି କରିବା ମହାପାପ । ସେ ଆଦୌ ଚୋରି କରିବନି ।

କିଛି ସମୟ ପରେ ପୁଣି ସେଇ ସେଓଟାକୁ ହାତରେ ଧରିଲା ଦୀନୁ । କିଛି ସମୟ ନାକ ପାଖରେ ରଖି ଶୁଙ୍ଘିଲା । ତା' ପରେ ଦି'ଚାରି ଥର କାମୁଡ଼ି ଚଟାପଟ ଖାଇଦେଲା ତାକୁ । ସେଓଟି ଖାଇ ସାରିଲା ପରେ ତାକୁ ଲାଗିଲା .... ଯେମିତି ତାକୁ ଆହୁରି ବେଶି ବେଶି ଖାଇବାକୁ ଇଚ୍ଛା ହେଉଛି । ତା' ଭୋକ ଯେମିତି ଆହୁରି ପାଞ୍ଚଗୁଣା ବଢ଼ିଯାଇଛି । ପୁଣି ଗୋଟାଏ ବଡ଼ ସେଓ ଉଠେଇ ଖାଇବାକୁ ଲାଗିଲା ଦୀନୁ ।

ସେଓ ଦୁଇଟା ଖାଇ ସାରିବା ପରେ ପିଣ୍ଡରେ ପ୍ରାଣ ପଶିଲା ତା'ର । ଓହୋଃ.... ପ୍ରାଣଟା ବଞ୍ଚିଗଲା ଟିକକେ । କିନ୍ତୁ ରତନକୁ ଏବେ ସେ କହିବ କ'ଣ ? କିଛି ମିଛ କହିବାକୁ ପଡ଼ିବ ଏବେ ତାକୁ । ବିକଳ ଆଉ କାନ୍ଦକାନ୍ଦ ଦିଶିଲା ଦୀନୁର ମୁହଁ । ଏବେ ସେ ଭାବୁଥିଲା, ''ନ ଖାଇ ମରିଯାଇଥିଲେ କ'ଣଟା ଅସୁବିଧା ହୋଇ ଯାଇଥାନ୍ତା ଯେ ! ଏ ଭୋକ ବି କେଡ଼େ ଅସହାୟ କରେ ମଣିଷକୁ !! ଆଗ ଚୋରି କଲି ଆଉ ଏବେ ପୁଣି ମିଛ କହିବାକୁ ପଡ଼ିବ ମୋତେ ।''

ଏଥର ସତକୁ ସତ କାନ୍ଦି ପକେଇଲା ଦୀନୁ ଅସହାୟ ଭାବରେ ।

( ୨ )

ଛଅ ବର୍ଷର ଝିଅ ସାନାର ଖାଦ୍ୟପେୟକୁ ନେଇ ଖୁବ୍ ସଚେତନ ଚନ୍ଦ୍ରିକା । ଘରର ଡାଇନିଂ ଟେବୁଲ ଉପରେ ସବୁବେଳେ ଗଦାହୋଇଥାଏ ଫଳଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ସ୍ନାକ୍ସ ଯାଏ । କାଳେ ଝିଅକୁ କେତେବେଳେ ହଠାତ୍ ଭୋକ ଲାଗିଯିବ ! ଏମିତିକି କାର୍‌ର ପଛସିଟ୍‌ରେ ବି ମହଜୁଦ ହୋଇ ରହିଥାଏ ହାଲକା ଫୁଲକା ଶୁଖିଲା ଖାଦ୍ୟ ପଦାର୍ଥ କିଛି । କାଳେ କୁଆଡେ ବାହାରକୁ ଯାଉଥିଲା ବେଳେ ଝିଅକୁ ଭୋକ ଲାଗିଯିବ !! ଦିନେ ଅଧେ ହୁଏତ ଘଣ୍ଟାର କଣ୍ଟା ପଛରେ ପଡ଼ିଯାଇପାରେ, କିନ୍ତୁ ଝିଅର ଖାଇବା ସମୟ ଜଗିବାରେ ଆଦୌ ପଛରେ ପଡ଼ନ୍ତିନି ଚନ୍ଦ୍ରିକା । ଝିଅର 'ଭୋକ' ଟା ହିଁ ଯେମିତି ତାଙ୍କର ଗୋଟାଏ ବଡ଼ ଗୁରୁଦାୟିତ୍ୱ ।

ଆଜି କିନ୍ତୁ ଏଥିରେ ବ୍ୟତିକ୍ରମ । ଝିଅ ଲଞ୍ଚ୍ ପରଠାରୁ କିଛି ଖାଇବାକୁ ଇଚ୍ଛା କରୁନି ଆଉ । କ'ଣ ହୋଇଛି କେଜାଣି ଯେତେ ଯାହା ଦେଲେ ବି ଅଳ୍ପ ଟିକେ ମୁହଁରେ ମାରି ଥୋଇଦେଉଛି । ଚନ୍ଦ୍ରିକା ଖୁବ୍ ବ୍ୟସ୍ତ ଆଉ ବିବ୍ରତ ବି । ଝିଅକୁ ଡାକ୍ତରଙ୍କ ପାଖକୁ ନେଇକି ଯିବା ପୂର୍ବରୁ ଚନ୍ଦ୍ରିକା ପଚାରିଲେ ''ସାନା .... ତୋ ପେଟ ଟାଣୁନି ତ ମା' ?''

ମୁଣ୍ଡ ହଲେଇ ନାହିଁ କଲା ସାନା ।

– ତୋତେ କ'ଣ ସେତେବେଳଠାରୁ ଟିକିଏ ବି ଭୋକ ଲାଗୁନି ?

ସାନାର ଉତ୍ତର ....'ଭୋକ' କ'ଣ ମାମା ??

*–ଭିଏସ୍‌ଏସ୍ ନଗର, ଭୁବନେଶ୍ୱର*
*ମୋ– ୮୮୯୫୩୨୬୪୩୪*



# ଭୁଲି ହେବ ନାହିଁ


ସଞ୍ଜୟ

ସଞ୍ଜୟ ଦତ୍ତ ଜଣେ ବେଶ୍ ଲୋକପ୍ରିୟ ଅଭିନେତା । ଯଦିଓ କେତେକ କାରଣକୁ ନେଇ ସେ ବିବାଦୀୟ ହୋଇଥିଲେ, ହେଲେ ଏହି କଳାକାର ଏବେ ମଧ୍ୟ ଅଭିନୟ ଜାରି ରଖିଛନ୍ତି । ଭିନ୍ନ ଭିନ୍ନ ଚରିତ୍ରକୁ ତୁଲାଇବାରେ ସେ କେତେ ଦକ୍ଷ ତାହାର ଉଦାହରଣ ସେ ଅଭିନୟ କରିଥିବା ଅନେକ ସିନେମାରେ ଦେଖିବାକୁ ମିଳିଥାଏ । ହେଲେ ଯେତେବେଳେ ତାଙ୍କ ଅଭିନୀତ ପ୍ରଥମ ସିନେମା 'ରକି' ରିଲିଜ ହୋଇଥିଲା, ସେହି ସମୟରେ ଏକ ଦୁଃଖଦ ଘଟଣା ଘଟିଥିଲା । ଯାହାକୁ ସେ କଦାପି ଭୁଲି ପାରିବେ ନାହିଁ ବୋଲି କହନ୍ତି । ସଞ୍ଜୟ କୁହନ୍ତି, ''ମୋର ପ୍ରଥମ ସିନେମା 'ରକି' (୧୯୮୧) ରିଲିଜ ହେବାକୁ ଥାଏ । ଯେହେତୁ ତାହା ମୋର ଡେବ୍ୟୁ ଫିଲ୍ମ, ତେଣୁ ତାହାକୁ ନେଇ ମୋ ମନର ଖୁସି କହିଲେ ନ ସରେ । ହେଲେ ସେତିକି ବେଳେ ଏଭଳି ଘଟଣା ଘଟିଲା, ଯାହାକି ମୋ ଜୀବନର ସବୁଠୁ ବଡ଼ ଦୁଃଖ ହୋଇ ରହିଗଲା । ଏହି ଫିଲ୍ମ ରିଲିଜ ହେବାକୁ ଆଉ ମାତ୍ର ୫ ଦିନ ଥାଏ । ମୋ ମା' (ନର୍ଗିସ)ଙ୍କର ଦେହାନ୍ତ ହୋଇଗଲା । ଏ ଖବର ପାଇବା ପରେ ମୋ ଅବସ୍ଥା ଯାହା ହୋଇଥିବ ଅନୁମାନ କରିପାରୁଥିବେ । ତେଣୁ ମୋର ସବୁ ଖୁସି ନିମିଷକ ମଧ୍ୟରେ ଦୁଃଖରେ ପରିଣତ ହୋଇଯାଇଥିଲା । ''

# ସବ୍ୟ ଦା'ଙ୍କ କଥା ଅଲଗା


ରଜନୀ ରଞ୍ଜନ–ସବ୍ୟସାଚୀ ମହାପାତ୍ର

ଓଲିଉଡ୍‌ର ଅନ୍ୟତମ ଆଗଧାଡିର ତଥା ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ ନିଜର ସଂଳାପ ରଚନା ଜୀବନରେ ଏକ ଘଟଣା ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି କହନ୍ତି । ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ଅନନ୍ତା'ର ସଂଳାପ ରଚନାକୁ ଚୁଡାନ୍ତ ରୂପରେଖ ଦେବାକୁ ତାଙ୍କୁ ଦୀର୍ଘ ଛଅ ମାସ ଲାଗିଥିଲା । ଏଭଳି ସ୍ମୃତି ବିଷୟରେ ରଜନୀ କହନ୍ତି, ''ସବ୍ୟସାଚୀ ମହାପାତ୍ର ପ୍ରଥମେ ମୋତେ ତାଙ୍କ ନିର୍ଦ୍ଦେଶିତ ଧାରାବାହିକ 'ସବିତା'ରେ ଏକ ଛୋଟ ଭୂମିକାରେ ଅଭିନୟ କରିବାର ସୁଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ନିର୍ଦ୍ଦେଶିତ 'ବୋଉ'ର ଦୁଇଟି ଗୀତ–'ମମତା ନଈରେ ସୁନା ବୋଇତ' ଏବଂ 'ପ୍ରିୟତମା ହସିଲେ ଲାଗୁଛି ଭଲ' ରଚନା କରିଥିଲି ଏବଂ ଗୀତଦ୍ୱୟ ବେଶ୍ ଶ୍ରୋତାଦୃତ ହୋଇଥିଲା । ଏହାବ୍ୟତୀତ ସବ୍ୟଦା'ଙ୍କର 'ବାହୁଡିବେ ମୋ ଜଗା ବଳିଆର କ୍ଲାଇମାକ୍ସ ଗୀତ 'ଓଢ଼ଣୀ ଫାଙ୍କରେ କିଏ ରେ' ଲେଖିଥିଲି, ଯାହାକୁ ଦର୍ଶକ ଢ଼େର ଭଲ ପାଇବା ଦେଇଥିଲେ । ଏହାବ୍ୟତୀତ ୧୫ଟି ଭାଷାରେ ନିର୍ମିତ 'ଜୟ ଜଗନ୍ନାଥ'ର ଓଡ଼ିଆ ଭାଷାର ସଂଳାପ ମୁଁ ଲେଖିଥିଲି । ହେଲେ 'ଅନନ୍ତା'ର ସଂଳାପ ଲେଖିବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା । ଏଥିରେ ମୁଁ ଅନେକ ଲୁପ୍ତପ୍ରାୟ ଗ୍ରାମୀଣ ଶବ୍ଦକୁ ଉପଯୋଗ କରିଛି । ତେଣୁ ଏହାର ସଂଳାପ ରଚନାକୁ ଚୁଡାନ୍ତ ରୂପରେଖ ଦେବା ପାଇଁ ଛଅ ମାସ ଲାଗି ଯାଇଥିଲା । ସବ୍ୟ ଦା'ଙ୍କ ସହ 'ଜୟ ଜଗନ୍ନାଥ' ଏବଂ 'ଅନନ୍ତା'ରେ କାମ କରିବାର ଅନୁଭୁତିକୁ କେବେ ଭୁଲି ପାରିବି ନାହିଁ । ଏବେ ସବ୍ୟଦା'ଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ଆଉ ଦୁଇଟି ପ୍ରୋଜେକ୍ଟ ସହ ମୁଁ ଜଡିତ ଅଛି ।''

# ଗାୟିକା ହେବେ ଅନନ୍ୟା

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ଗାୟିକା ହେବାକୁ ମନ ବଳାଇଛନ୍ତି । ଅସଲ କଥା ହେଲା, ଅନନ୍ୟାଙ୍କର ଏହି ଉଦ୍ୟମ ବଡ ପରଦାରେ ଜାରି ରହିବ । ଅର୍ଥାତ୍, ସେ ଅଭିନୟ କରିବାକୁ ଯାଉଥିବା ଏକ ନୂଆ ସିନେମାରେ ତାଙ୍କୁ ଏଭଳି ଏକ ଭୂମିକାଟିଏ ମିଳିଛି । ଏହି ରୋଲ୍‌ରେ ସେ ଜଣେ ଗାୟିକା ହେବାକୁ ଚେଷ୍ଟା କରୁଛନ୍ତି । ହେଲେ ତାହାର ଫଳ କ'ଣ ହେଉଛି ତାହା ମୋହିତ ସୁରୀଙ୍କ ନିର୍ଦ୍ଦେଶିତ 'ସଇୟାରା' ଫିଲ୍ମ ଶେଷରେ ହିଁ ଜଣାପଡିବ । ନିକଟରେ ଏହାର ୨ମିନିଟ୍ ୪୩ ସେକେଣ୍ଡର ଟ୍ରେଲର ବେଶ୍ ଭାଇରାଲ ହୋଇଛି । ଏହି ଫିଲ୍ମରେ ଅନନ୍ୟାଙ୍କର ଭୂମିକାଟି ହେଉଛି କ୍ରିସ୍ କପୁର । ଏଭଳି ଏକ ସୁଯୋଗ ବିଷୟରେ ଅନନ୍ୟା କହନ୍ତି, ''ଏହି ଭୂମିକା ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି । ଗାୟିକା ହେବାକୁ ଜଣେ ତରୁଣୀକୁ କେତେ କଷ୍ଟ ସ୍ୱୀକାର କରିବାକୁ ପଡିଥାଏ ତାହା ଦର୍ଶକ ଏହି ଫିଲ୍ମରେ ଦେଖିବାକୁ ପାଇବେ ।''


ଅନନ୍ୟା

# ଆଇଟମ୍ ପାଇଁ ଟେନ୍‌ସନ

ନୋରା ଫତେହିଙ୍କ ଟେନସନ୍ ଏବେ ବଢ଼ିଯାଇଛି । କେମିତି ବା ବଢ଼ିବ ନାହିଁ କହୁନାହାନ୍ତି ? କଥା କ'ଣ କି ନିକଟରେ ସେ ଏକ କନ୍ନଡ ଫିଲ୍ମ ସାଇନ୍ କରିଛନ୍ତି । ହେଲେ ଏଥିରେ ସେ ନାୟିକା ସାଜୁନାହାନ୍ତି । ଏହି ଫିଲ୍ମରେ ତାଙ୍କୁ ଏକ ଆଇଟମ୍ ନମ୍ବରରେ ନାଚିବାକୁ ପଡିବ । ପ୍ରଯୋଜନା ସଂସ୍ଥା ସହ ସବୁ କଥାବାର୍ତ୍ତା ଶେଷ ହେବା ପରେ ସେ ରାଜି ହୋଇଥିଲେ । କିନ୍ତୁ ଏବେ ଶୁଣିବାକୁ ମିଳୁଛି ଯେ ଏହି ଅଫର ପାଇଁ ନୋରା କୁଆଡେ ୟୁ ଟର୍ନ ନେଇଛନ୍ତି । ଉକ୍ତ ଗୀତରେ ନାଚିବା ପାଇଁ ସେ ଡବଲ ପାରିଶ୍ରମିକ ଦାବି କରୁଛନ୍ତି ବୋଲି ଆଲୋଚନା ହେଉଛି । ଆଉ ଯେତେବେଳେ ଏସବୁ କଥା ତାଙ୍କ କାନରେ ପଡିଲା ସେ ବା କେମିତି ଚୁପ୍ ହୋଇ ବସିରହନ୍ତେ ? ଶେଷକୁ ବାଧ୍ୟ ହୋଇ ଏ ବିଷୟରେ ସଫେଇ ଦେଇଛନ୍ତି । ''ଏସବୁ ଯାହା ଶୁଣିବାକୁ ମିଳୁଛି ତାହା ଗୁଜବ ବ୍ୟତୀତ ଆଉ କିଛି ନୁହେଁ । ଏହି କନ୍ନଡ ଫିଲ୍ମ ସାଇନ୍ କରିବା ପୂର୍ବରୁ ମୁଁ ସବୁକଥା ଭଲ ଭାବରେ ବୁଝି ନେଇଥିଲି ଏବଂ ଏନେଇ ମୋତେ ସେମାନେ ଆବଶ୍ୟକ ମୁତାବକ ପାରିଶ୍ରମିକ ଦେଉଛନ୍ତି । ତାକୁ ଯଦି କିଏ ଅନ୍ୟ ଅର୍ଥରେ ନେଲା ସେ ନେଇ ମୋର କିଛି କହିବାର ନାହିଁ । କାରଣ ଏହି ଆଇଟମ୍ ନମ୍ବର ପାଇଁ ମୁଁ କଦାପି ଡବଲ ପାରିଶ୍ରମିକ ଡିମାଣ୍ଡ କରିନାହିଁ । ଏହା ସମ୍ପୂର୍ଣ୍ଣ ମିଛ କଥା ।'' ନୋରା ପ୍ରଥମେ ଜଣେ ମଡେଲ ଭାବରେ କ୍ୟାରିୟର ଆରମ୍ଭ କରିଥିଲେ । ତା'ପରେ ସେ କେତୋଟି ମ୍ୟୁଜିକ ଆଲବମ୍‌ରେ ଅଭିନୟ କଲେ । ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ରୋର୍ : ଟାଇଗର୍ସ ଅଫ ଦ ସୁନ୍ଦରବନ' । ହେଲେ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା । ସେ ଅଭିନୟ କରିଥିବା ଅଧିକାଂଶ ଫିଲ୍ମରେ ତାଙ୍କୁ ଗେଷ୍ଟ ରୋଲ୍ କିମ୍ବା ଆଇଟମ୍ ନମ୍ବରରେ ନାଚୁଥିବାର ଦେଖିବାକୁ ମିଳିଛି ।


ରଶ୍ମିକା


ନୋରା

# ରଶ୍ମିକାଙ୍କ ନୂଆ ଯୋଜନା

ରଶ୍ମିକା ମନ୍ଦାନାଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି । ଏଣିକି ସେ ନିଜ ପଟରୁ ଏକ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି । ଜଳ ବିଶୁଦ୍ଧିକରଣ ନେଇ ସେ ଏକ ମିଶନ ଆରମ୍ଭ କରିବେ ବୋଲି ପ୍ରାକ୍ ସୂଚନା ଦେଇଛନ୍ତି । ନିଜର ଏଭଳି ଯୋଜନା ବିଷୟରେ ସେ କହନ୍ତି, ''ଏକଦା କେତେଜଣ ସାଙ୍ଗମାନଙ୍କ ସହ ମୁଁ ଏକ ବସ୍ତି ଅଞ୍ଚଳକୁ ବୁଲିବାକୁ ଯାଇଥାଏ । ସେଠାକାର ଜଳ ସମସ୍ୟା ଆମକୁ ବେଶି ପ୍ରଭାବିତ କରିଥିଲା । ତେଣୁ ବିଶେଷଭାବରେ ବସ୍ତି ଅଞ୍ଚଳରେ ବିଶୁଦ୍ଧ ଜଳ ବ୍ୟବହାର ଉପରେ ଜନସଚେତନା ସୃଷ୍ଟି କରାଯିବ ଭାବିଲି । କେବଳ ସେତିକି ନୁହେଁ, ଏ ବିଷୟରେ ଏକ ସର୍ଟ ଫିଲ୍ମ ନିର୍ମାଣ ପାଇଁ ମଧ୍ୟ ଚେଷ୍ଟା ଚାଲିଛି । ଆକ୍ଟିଂ ସହ ଏହି କାମ ସମାନ୍ତରାଳ ଭାବରେ ଚାଲିବ ।'' ରଶ୍ମିକା ଅଭିନୟ ଦୁନିଆରେ ଏଣ୍ଟ୍ରି କରିବା ପୂର୍ବରୁ ମଡେଲିଂ ସହ ଜଡିତ ଥିଲେ । ୨୦୧୬ରେ 'କିରିକ୍ ପାର୍ଟି' ଶୀର୍ଷକ ଏକ କନ୍ନଡ ଫିଲ୍ମରୁ ସେ ନିଜର ବଡ ପରଦା ଜୀବନ ଆରମ୍ଭ କରିଥିଲେ । ଏହାର ୬ ବର୍ଷ ପରେ ଅର୍ଥାତ୍ ୨୦୨୨ରେ ସେ ବଲିଉଡ୍‌ରେ ସୁଯୋଗ ପାଇଥିଲେ । ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମାଟି ଥିଲା 'ଗୁଡବାୟ' । ହେଲେ ତାମିଲ ଫିଲ୍ମ 'ପୁଷ୍ପା : ଦ ରାଇଜ' ତାଙ୍କ ଅଭିନୟ କ୍ୟାରିୟରରେ ଏକ ମାଇଲଷ୍ଟୋନ୍ ହୋଇ ରହିବ । ରଶ୍ମିକା ବର୍ତ୍ତମାନ 'ଥାମା' ଟାଇଟଲବିଶିଷ୍ଟ ଏକ ହିନ୍ଦୀ ସିନେମାର ଶୁଟିଂରେ ବ୍ୟସ୍ତ ଅଛନ୍ତି ।

# ଫୁକା ଫୁକା ମାନୁଷୀ

ମିସ୍ ୱାର୍ଲ୍ଡ ଟାଇଟଲ ବିଜୟିନୀ ମାନୁଷୀ ଚିଲ୍ଲର ଇତି ମଧ୍ୟରେ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି । ହେଲେ ତନ୍ମଧ୍ୟରୁ ଗୋଟିଏ ହେଲେ ଫିଲ୍ମ ବକ୍ସ ଅଫିସରରେ ଆଶାନୁରୂପ ବିଜନେସ୍ କରିବାରେ ସକ୍ଷମ ହୋଇନାହିଁ । ତେବେ ଏହାକୁ ନେଇ ବ୍ୟତିବ୍ୟସ୍ତ ହେଉନାହାନ୍ତି ସେ । କାରଣ ତାଙ୍କର ବିଶ୍ୱାସ ରହିଛି ଯେ, ଦିନେ ନା ଦିନେ ତାଙ୍କୁ ଭଲ ଅଫର ମିଳିବ ଆଉ ନିଜ ଅଭିନୟ ଦକ୍ଷତାର ପ୍ରମାଣ ସେ ଦେଇପାରିବେ । ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ସ୍ଥିର କରିଛନ୍ତି ଏହି ଅଭିନେତ୍ରୀ । ନିଜ କ୍ୟାରିୟର ବିଷୟରେ ମାନୁଷୀ କହନ୍ତି, ''ମୋ ଅଭିନୀତ ପ୍ରଥମ ସିନେମା ଥିଲା 'ସମ୍ରାଟ ପୃଥ୍ୱୀରାଜ' । ଚନ୍ଦ୍ରପ୍ରକାଶ ଦ୍ୱିବେଦୀଙ୍କ ନିର୍ଦ୍ଦେଶିତ ତଥା ଅକ୍ଷୟ କୁମାରଙ୍କ ଅଭିନୀତ ୧୫୦କୋଟି ବଜେଟ ବିଶିଷ୍ଟ ଏହି ସିନେମା ବକ୍ସ ଅଫିସରେ ୯୦କୋଟି ଆୟ କରିବାରେ ସକ୍ଷମ ହୋଇଥିଲା । ୟା ଭିତରେ ମୁଁ ମାତ୍ର ହାତ ଗଣତି କେତୋଟି ସିନେମାର ଅଭିନୟ କରିଛି । ଏକଥା ସତ ଯେ, ଯେଉଁ ଆଶା ନେଇ ମୁଁ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲି ତାହା ପୂରଣ ହୋଇନାହିଁ, ହେଲେ ମୋର ନିଜ ଉପରେ ଶତ ପ୍ରତିଶତ ଭରଷା ରହିଛି ଦିନେ ନା ଦିନେ ମୁଁ ନିଜକୁ ନାୟିକା ଦୌଡରେ ସାମିଲ କରିବି । ଏବେ ମୋ ହାତରେ କେତୋଟି ନୂଆ ଅଫର ରହିଛି । ହେଲେ ସେସବୁକୁ ନେଇ ମୁଁ ଭଲ ଭାବରେ ତର୍ଜମା କରିବା ପରେ ଯାହା ନିଷ୍ପତ୍ତି ନେବି ।'' ବର୍ତ୍ତମାନ ମାନୁଷୀ ନିର୍ମାଣାଧୀନ ଫିଲ୍ମ 'ତେହେରାନ୍'ରେ ଅଭିନୟ କରୁଛନ୍ତି ।


ମାନୁଷୀ

# ମନ୍ଦିରରୁ ମଣ୍ଡପ: ମୋ ରୋଜଗାରର ପୁଲକ

ପ୍ରଥମ ରୋଜଗାର



ସାହିତ୍ୟିକା, ଗବେଷିକା **ସ୍ମୃତିକଳା ମହାନ୍ତି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଜୀବନରେ ପ୍ରଥମ ସବୁବେଳେ ପ୍ରଥମ। ଆଉ ପ୍ରଥମ କରି ନିଜ ରୋଜଗାରର ପହିଲି ପୁଲକର ଅନୁଭବ ସବୁବେଳେ ଅବ୍ୟକ୍ତ ଓ ଅବିସ୍ମରଣୀୟ। ଗୋଟିଏ ନିମ୍ନମଧ୍ୟବିତ୍ତ ପରିବାରରେ ଜନ୍ମନେବା ତାହା ପୁଣି ଘରର ବଡ଼ ଝିଅ ଭାବରେ। ଅଭାବରେ ଥିବା ସମୟରେ ଯଦି କେହି ନିଜର ଲୋକ ଆମକୁ ବାଧିଲା ପରି କଥା କୁହେ ତାହା ଆମ ହୃଦୟରେ ଦାଗ ହୋଇରହିଯାଏ। ଠିକ୍ ସେତେବେଳେ ଆମକୁ ବୟସକୁ ବାଦ୍ ଦେଇ ବୟସ୍କ ହୋଇଯିବାକୁ ପଡ଼େ। ଆଖିର ସ୍ୱପ୍ନକୁ ବାସ୍ତବତାକୁ ଆଣିବାକୁ ସଂଘର୍ଷ କରିବାକୁ ପଡ଼େ। ନିଜ ପାଖରେ ନିଜକୁ ସଂକଳ୍ପ କରିବାକୁ ପଡ଼େ। ଛୋଟବେଳୁ ଅଭାବକୁ ଖୁବ୍ ପାଖରୁ ଦେଖିଥିବାରୁ ଦଶମ ଶ୍ରେଣୀ ପରେ ହିଁ ମୁଁ ଆମ ଘର ପାଖର ଜଣେ ଷଷ୍ଠ ଶ୍ରେଣୀ ଝିଅକୁ ପଢ଼େଇବା ଆରମ୍ଭ କରିଦେଇଥିଲି। ମାସେ ପୂରିଲା ପରେ ସେମାନେ ମୋତେ ପଢ଼େଇବା ବାବଦକୁ ଶହେଟଙ୍କା ଦେଇଥିଲେ ; ଯାହାକି ଥିଲା ମୋର ପ୍ରଥମ ରୋଜଗାର। ଆଉ ସେହି ଶହେ ଟଙ୍କା ମିଳିବାର ଖୁସି ହୁଏତ ଆଉ ଜୀବନରେ କେବେ ଅନୁଭବ କରି ପାରିବି କି ନାହିଁ ଜାଣିନି, ହେଲେ ଏତିକି ଜାଣିଛି ଯେବେ ମୁଁ ସରକାରୀ ଚାକିରି ପାଇ ପ୍ରଥମ ଦରମା ପାଇଲି ସେବେ ମଧ୍ୟ ଏତେ ଖୁସି ହୋଇପାରି ନ ଥିଲି ଯେଉଁ ଖୁସି ସେଦିନ ଶହେ ଟଙ୍କା ପାଇ ହୋଇଥିଲି। ଆଉ ସେଇ ଶହେ ଟଙ୍କାକୁ ନେଇ ମୁଁ ଯେବେ ଘରକୁ ଆସୁଥାଏ ମୋତେ ଲାଗୁଥାଏ ମୁଁ ଯେମିତି ଗୋଟିଏ ଗଡ ଜିତି ଯାଇଛି। ସେଇ ଟଙ୍କା ନେଇ ଆସିଲାବେଳେ ଘର ଆଗରେ ମାଛ ବେପାରୀଠାରୁ ବାବା ଲୁଣି ମାଛ କିଣୁଥିବା ବେଳେ ମୁଁ ବଡ଼ମାଛ କିଣିବାକୁ କହି ତାଙ୍କ ହାତକୁ ପଇସା ବଢ଼େଇ ଦେଇଥିଲି। ଆଉ ମୋର ଏବେ ବି ମନେ ଅଛି ମାଛ କିଣି ସାରିବା ପରେ ବହୁ ଦିନ ଯାଏ ମୁଁ ସମସ୍ତଙ୍କୁ କହି ବୁଲୁଥିଲି କି ମୁଁ ମୋ ପଇସାରେ ମାଛ କିଣିଛି ବୋଲି। ଏହାପରେ ମୁଁ ଆଉ କେବେ ବି ଖାଲିରେ ବସିନି। ନିଜେ ପଢ଼ିବା ସହ ନିଜ ଖର୍ଚ୍ଚ ତୁଲାଇବାକୁ ଚେଷ୍ଟା କରିଛି। ଯଦି ପ୍ରକୃତ ରୋଜଗାରର ପହିଲି ପୁଲକ କଥା କହିବି ତେବେ ସେଇଟା ହେଉଛି ମୋର ପିଜି ସରିବା ପରେ ମୁଁ ଢେଙ୍କାନାଳର ଗୋଟିଏ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଅତିଥି ଅଧ୍ୟାପିକା ଭାବରେ ଚାକିରି କଲି। ସେତେବେଳେ ହିଁ ମୋତେ ଜଣେ କହିଥିଲେ, ମୁଁ ଯଦି ମନ ଦେଇ ପଢିବି ତେବେ ସରକାର ମୋତେ ମାସକୁ ୪୫,୦୦୦ ଟଙ୍କା ଦେବେ ତାହା ପୁଣି ୫ ବର୍ଷ ଯାଏ। ସେଇ ପଇସା ପାଇବା ପାଇଁ ମୁଁ ଦିନରାତି ମନଦେଇ ପାଠ ପଢୁଥିଲି। ଯେତେବେଳେ ମୁଁ ୟୁଜିସି ତରଫରୁ ଜୁନିୟର୍ ରିସର୍ଚ୍ଚ ଫେଲୋ ପାଇ ପିଏଚ୍‌ଡି ଜଏନ କଲି, ସେତେବେଳେ ମୋତେ ସ୍କଲାରସିପ୍ ବାବଦକୁ ଏକକାଳୀନ ୧ଲକ୍ଷ ୨୭ହଜାର ୨୫ ଟଙ୍କା ମିଳିଥିଲା। ଆଉ ସେ ମୁହୂର୍ତ୍ତର ଅନୁଭବ ମୋ ପାଇଁ ଥିଲା ଅଭୁଲା। ସେ ସମୟ, ତାରିଖ ଆଉ ବର୍ଷ ସବୁକିଛି ଏବେ ବି ମୋର ମନେ ଅଛି। ୨୦୨୩ ଜୁନ ୯ ତାରିଖ ସକାଳ ୭, ଯେତେବେଳେ ଫୋନ ଦେଖିଲି ସେତେବେଳେ ଫୋନ ସ୍କ୍ରିନରେ ପଇସା ଆସିଥିବାର ମେସେଜ ଦେଖାଗଲା। ତା’ ପୂର୍ବରୁ ଏତେ ପଇସା କେବେ ବି ଏକାଠି ଦେଖି ନ ଥିଲି। ମେସେଜ ଦେଖିସାରି ପ୍ରଥମେ ମା’କୁ କହିଥିଲି। ଆଉ ମା’ ସେଦିନ ସମସ୍ତଙ୍କୁ ଫୋନ କରି ଜଣେଇ ଦେଇଥିଲା। ସେ ପଇସା ଆଉ କାହା ପାଇଁ କ’ଣ ହୋଇଥାଇ ପାରେ ହେଲେ ତା’ପରଠୁ ଆମ ପରିବାରର ଭାଗ୍ୟ ବଦଳି ଯାଇଥିଲା। ନିଜ ଉପରେ ବିଶ୍ୱାସ ବି ଆସିଥିଲା କି ପରିଶ୍ରମର ଫଳ କେବେ ବୃଥା ଯାଏନି। ଆଉ ମୁଁ ଜାଣିଥିଲି ଏଣିକି ପ୍ରତି ମାସରେ ମୋତେ ଚାକିରିଆଙ୍କ ପରିକା ପଇସା ମିଳିବ ୫ ବର୍ଷ ଯାଏ। ସେହି ପଇସା ପାଇଲା ପରେ ମା’କୁ ନେଇ ଶାଢ଼ି ଦୋକାନକୁ ଯାଇଥିଲି ଆଉ ତାକୁ କହିଥିଲି, ଯେତେ ଟଙ୍କାର ଇଚ୍ଛା ସେ ଶାଢ଼ି ନେଉ ପଇସା ନ ଦେଖି। ସେଦିନ ଆମେ ମା’ଝିଅ ନିଜ ଇଚ୍ଛା ଅନୁସାରେ ଜିନିଷ ଆଣିଥିଲୁ। କେତେ ଦିନର ସ୍ୱପ୍ନ ଆମର ଯେମିତି ଏକ ମଧୁର ବାସ୍ତବତାର ରୂପ ନେଇ ଆମ ପାଖକୁ ଫେରି ଆସିଥିଲା। ନବମ ଶ୍ରେଣୀରେ ପଢୁଥିବାବେଳେ ଥରେ ଆମର ଜଣେ ଅତି ନିଜର ଲୋକ ଆମ ଦୁଇ ଭଉଣୀକୁ ଦେଖି କହିଥିଲେ, ଏମାନଙ୍କର ବାହାଘର କିଏ କରିବ, ଏମାନଙ୍କୁ ସେଇ ମନ୍ଦିରରେ ମାଳ ଟେକି ଦେଇ ବାହାଘର କରିଦେଲେ ଗଲା। ସେଇ କଥାଟି ଗଭୀର ଆଘାତ ଦେଇଥିଲା ; ଯାହାକୁ ମୁଁ ଭୁଲି ପାରି ନ ଥିଲି। ସେଇ କଥାକୁ ସେଦିନ ଶାଢ଼ି କିଣି ଫେରିଲା ବାଟରେ ମା’ର ମନେ ପକେଇ ଦେଇଥିଲି। ଆଉ କହିଥିଲି, ଏଣିକି ମନ୍ଦିର ନୁହେଁ ତୋ ଝିଅକୁ ମୁଁ ମଣ୍ଡପରେ ଆଉ ଜାକଜମକରେ ବାହାଘର କରେଇବି। ମୋ କଥା ଶୁଣି ମା’ ଆଖିରେ ଲୁହ ଚାଲି ଆସିଥିଲା। ଆଉ ଭବିଷ୍ୟତ ପାଇଁ ଏକ ସୁନ୍ଦର ସ୍ୱପ୍ନ ଆମ ଦୁଇ ଜଣଙ୍କ ଆଖିରେ ଉଙ୍କି ମାରିଥିଲା। ଯେଉଁ ସ୍ୱପ୍ନ ଦେଖିବା ପାଇଁ କେବେ ଦିନେ ଏ ଆଖି ଡରୁଥିଲା, ସେଇ ସ୍ୱପ୍ନ ପୂରଣ କରିବା ପାଇଁ ଆମକୁ ମୋ ରୋଜଗାରର ସେଇ ପହିଲି ପୁଲକ ହିଁ ସାହସ ଯୋଗାଇ ଦେଇଥିଲା। ଏହାପରେ ଜୀବନ ବହୁ ବଦଳିଛି। ୟା’ ଭିତରେ ମୁଁ ସରକାରୀ ଚାକିରି କରିଛି, ଭଲ ଦରମା ମଧ୍ୟ ପାଉଛି। ପଇସା ଆସୁଛି, ଖର୍ଚ୍ଚ ହେଉଛି, ହେଲେ ସେଇ ପହିଲି ପୁଲକର ଶିହରଣ ଏବେବି ମନେପଡ଼ିଲେ ମୋ ଅଜାଣତରେ ଓଠରେ ହସ ଓ ଆଖିରେ ଲୁହ ଚାଲିଆସୁଛି।

ସାଥୀ

# ମନମୋହିନୀର ରଙ୍ଗିଲା କଥା, ଘଡିକେ ଘୂରାଇ ଦେଉଛି ମଥା



**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ତା’ କଥା ଭାବି ଭାବି ମୋ ଦିନ ବିତି ଯାଉଛି। କ’ଣ କରିବି ?

*–ବିପିନ ସାହୁ, କଟକ*

**ଉତ୍ତର:** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାହାର ଠିକଣା ବୋଧହୁଏ ଜାଣିନାହାନ୍ତି। ଏପରି ଅନାମିକା ନାୟିକା ପାଇଁ ଆପଣ ପାଗଳ। ଆପଣଙ୍କ ମନ ଭିତରେ ଉଦବେଳିତ ହେଉଥିବା କଥାଗୁଡିକ ସେହି ମନ ଭିତରେ ଚାପି ହୋଇରହିଛି। ‘ମନମୋହିନୀର ରଙ୍ଗିଲା କଥା, ଘଡିକେ ଘୂରାଇ ଦେଉଛି ମଥା’। ଯଦି ସମ୍ଭବ ତେବେ ତାହାର ଠିକଣା ପାଇବାକୁ ଚେଷ୍ଟା କରନ୍ତୁ। ଯଦି କେବେ ଭେଟ ହୋଇଗଲା ତେବେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା’ ସାମନାରେ ଉଗାଳି ପକାନ୍ତୁ। ଯଦି ସେହି କଥା ସୁନ୍ଦରୀ ମନକୁ ଛୁଇଁ ପାରିଲା, ତେବେ ଧରିନିଅନ୍ତୁ, ଯାହାକୁ ନେଇ ଆପଣ ଟେନସନରେ ତାହା ହୁଏତ ଦୂର ହୋଇଯିବ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାକୁ ଗ୍ରହଣ କରିବ କି ?

*–ତୁଷାର ଦାସ, ପୁରୀ*

**ଉତ୍ତର:** ସୁନ୍ଦରୀର ସେହି ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ମୁଁ ଏବେ କ’ଣ କରିବି ?

*–ବିକ୍ରାନ୍ତ କୁମାର, ରାଉରକେଲା*

**ଉତ୍ତର:** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

**ପ୍ରଶ୍ନ**–ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*–ଦିନେଶ ରାଉତ, ଅନୁଗୋଳ*

**ଉତ୍ତର:** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ’ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। କଥାରେ ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।

**ପ୍ରଶ୍ନ**–ମୋ ପ୍ରେମିକା ମୋ ସହ ନଖରାମି କରିବାକୁ ଭଲ ପାଏ। ଏହାଦ୍ୱାରା ଆମର ପ୍ରେମ ପ୍ରଭାବିତ ହେବନି ତ ?

*–ପି.କେ. ଜଗତସିଂହପୁର*

**ଉତ୍ତର:** ବେଳେବେଳେ ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।



# ସ୍ମୃତିରେ କାରଗିଲ୍ ବିଜୟ



କେ. ଧର୍ମା ରାଓ



ଶତ୍ରୁଘନ ପ୍ରଧାନ



ବିଜୟ ସାମନ୍ତରାୟ



ଜି.କେ. ରାଜୁ

୧୯୯୯ ମସିହା ମେ' ମାସର ଘଟଣା। ପାକିସ୍ତାନୀ ସୈନ୍ୟ କାର୍‌ଗିଲ ସେକ୍ଟରରେ ଥିବା ଭାରତୀୟ ସୀମାକୁ ଉଲ୍ଲଂଘନ କରି ତାକୁ ଅକ୍ତିଆର କରିନେଇଥାନ୍ତି। ଆଉ ସେଇ ପାହାଡ଼ ଉପରୁ ଭାରତୀୟ ସେନାଙ୍କ ଉପରକୁ ଗୁଳିବର୍ଷଣ କରୁଥାନ୍ତି। ଶତ୍ରୁ ସେନାଙ୍କୁ ପାଲଟା ଜବାବ ଦେବା ପାଇଁ ଆରମ୍ଭ ହେଲା କାର୍‌ଗିଲ ଯୁଦ୍ଧ ବା ଅପରେଶନ ବିଜୟ। ଭାରତୀୟ ବୀର ଯବାନମାନେ ଦୁର୍ଗମ ଗିରିପଥରେ ପୁଣି କେବେ ବୋଫର୍ସ ଗନ୍‌ରେ ଶତ୍ରୁ ଉପରକୁ ଲକ୍ଷ୍ୟଭେଦ କରି ଅହରହ ଗୁଳିବର୍ଷଣ କରି ନିପାତ କରିଥିଲେ ଶତ୍ରୁ ସେନାନୀଙ୍କୁ। କାର୍‌ଗିଲ ଯୁଦ୍ଧର ବିଜୟ ଦିବସକୁ ପ୍ରତିବର୍ଷ ପାଳନ କରୁଥିବା କେତେଜଣ ଭାରତୀୟ ବୀର ଯବାନଙ୍କ ଅନୁଭୂତି ସମ୍ପର୍କରେ–

**ଯୁଦ୍ଧର ବିଜୟ ମନରେ ବହୁତ ଉତ୍ସାହ ଦେଇଥିଲା–** ଭାରତୀୟ ସେନାର ପୂର୍ବତନସର୍ଜେଣ୍ଟ (ଏୟାରଫୋର୍ସ) ଶତ୍ରୁଘନ ପ୍ରଧାନ କୁହନ୍ତି,'୧୯୮୩ ମସିହାରେ ଏୟାର ଫୋର୍ସରେ ଯୋଗଦେଇଥିଲି। ସମୟକ୍ରମେ ଯୋଧପୁରରେ ମିଗ୍ –୨୧ ସ୍କ୍ୱାଡ୍ରନରେ ପୋଷ୍ଟିଂ ହୋଇଥିଲା। ଏଠାରୁ ବରେଲିକୁ ଯାଇଥିଲି। ୧୯୯୯ ମସିହା ମେ' ମାସ, ଆମେ ସମସ୍ତେ ବିଶ୍ରାମ ନେଉଥିଲୁ। ହଠାତ ସାଇରନ୍ ବାଜିଉଠିଲା। ୟୁନିଟ୍‌ରେ ରିପୋର୍ଟ କରିଥିଲୁ। ତା'ପରେ ରାତିରେ ଆଗ୍ରା ଯାଇ ସେଠାରେ ପ୍ରୋଟେକ୍ସନ ଦେଇଥିଲୁ। ସେଠାରୁ ପୁଣି ଅମୃତସର ଯାଇଥିଲୁ ଏବଂ ବର୍ଡର ପ୍ରୋଟେକ୍ସନରେ ପୂରା ସତର୍କ ରହିଥାଉ। କାରଣ ମୁଁ ବାୟୁସେନାରେ ଥିଲି। ଏୟାର ଷ୍ଟ୍ରାଇକ ପାଇଁ ପ୍ରସ୍ତୁତ ଥାଉ। ଏହି ସମୟରେ ଘରେ ମୋ ବାପା କୁଞ୍ଜବିହାରୀ ପ୍ରଧାନଙ୍କ ଦେହାନ୍ତ ହୋଇଯିବାର ଖବର ଆସିଥିଲା। କିନ୍ତୁ ସେତେବେଳେ ଘରକୁ ଯିବା ସମ୍ଭବ ନ ଥିଲା। ଯୁଦ୍ଧ ସରିବାର କିଛିଦିନ ପରେ ଗାଁକୁ ଫେରିଥିଲି। କାର୍‌ଗିଲ ଯୁଦ୍ଧର ବିଜୟ ମନରେ ବହୁତ ଉତ୍ସାହ ଦେଇଥିବା ବେଳେ ବାପାଙ୍କ ଶେଷ ସମୟରେ ତାଙ୍କୁ ନ ପାରିବାର ଦୁଃଖ ଓ ଅବସୋସ ରହିଗଲା। ତା' ପରେ ୨୦୦୫ରୁ ଅବସର ନେଲି। ଗାଁକୁ ଫେରି ଘରେ ରହୁଥିବାବେଳେ ପ୍ରତିଦିନ ସକାଳୁ ମର୍ନିଂ ୱାକ୍ ସମୟରେ ଆଉ କେତେଜଣ ଅବସରପ୍ରାପ୍ତ ସୈନିକ ଭେଟ ହୋଇଥିଲୁ। ପରେ ଆମେ ସମସ୍ତେ ମିଶି ଭାରତୀୟ ପୂର୍ବ ସେନାନୀ ସଂଘ ଓଡ଼ିଶା ଚିଲିକା ଶାଖା ଗଠନ କଲୁ। ପ୍ରତିବର୍ଷ କାର୍‌ଗିଲ ଦିବସକୁ ପାଳନ କରି ଆସୁଛୁ।

**ପ୍ରତିବର୍ଷ କାର୍‌ଗିଲ ଦିବସ ପାଳନ କରିଥାଉ–** ସୁବେଦାର ମେଜର ଏବଂ ଅନରାରି ଲ୍ୟୁଟନାଣ୍ଟ କେ. ଧର୍ମା ରାଓ କୁହନ୍ତି, 'ସେନାବାହିନୀରେ ସେବାରତ ଦାଦା କେ. ଭୀମସେନ ରେଡ୍ଡିଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଭାରତୀୟ ସେନାରେ ଯୋଗ ଦେବା ପାଇଁ ମନବଳାଇଥିଲି। କଲେଜ ବୟସରେ ଏନ୍‌ସିସିରେ ଯୋଗଦେଲି। ଗ୍ରାଜୁଏଶନ ସରିଲା ପରେ ଭାରତୀୟ ସ୍ଥଳସେନାବାହିନୀରେ ଯୋଗ ଦେଇଥିଲି। ଜଣେ ଆର୍ମି ଏଜୁକେଶନ କୋର୍‌ରେ ଇନ୍‌ଷ୍ଟ୍ରକ୍ଟର ରୂପେ ୧୯୭୮ ମସିହାରେ ଜମ୍ମୁ-କଶ୍ମୀରରେ ଫିଲ୍‌ଡ ଏରିଆରେ କ୍ୟାରିୟର ଆରମ୍ଭ କରିଥିଲି। ୧୯୯୯ କାର୍‌ଗିଲ ଯୁଦ୍ଧ ସମୟରେ ଏକ ଜାଗାରେ ପାର୍ବତୀୟ ବ୍ରିଗେଡରେ କାର୍ଯ୍ୟରତ ଥିଲି। ସମସ୍ତଙ୍କର କେବଳ ଗୋଟିଏ ଲକ୍ଷ ଶତ୍ରୁଙ୍କୁ ପରାଜିତ କରିବା। ସେହି ସମୟରେ ରାତିଦିନ ପ୍ରତିମୁହୂର୍ତ୍ତରେ ପୂରା ସଜାଗ ରହୁଥିଲୁ। ୨୦୦୮ରୁ ସେବାନିବୃତ୍ତ ହୋଇସାରିଲିଣି। ପ୍ରତିବର୍ଷ ଜୁଲାଇ ୨୬ରେ ଅବସରପ୍ରାପ୍ତ ସୈନିକ ମିଶି କାର୍‌ଗିଲ ଦିବସ ପାଳନ କରି ଆସୁଛୁ।

**ପ୍ରତିବର୍ଷ ବିଜୟ ଦିବସ ପାଳୁଛୁ–** କାର୍‌ଗିଲ ଯୁଦ୍ଧରେ ଯୋଗଦେଇଥିବା ଖୋର୍ଦ୍ଧା ଜିଲା ରତନପୁର ଗ୍ରାମର ଜି.କେ. ରାଜୁ କୁହନ୍ତି , ୧୯୮୨ ଅକ୍ଟୋବର ୨୯ ତାରିଖରେ ଭାରତୀୟ ସୈନ୍ୟବାହିନୀରେ ଏମ ପି ସାଗରରେ ଟ୍ରେନିଂ ନେଇଥିଲି। ପରେ ରାଜସ୍ଥାନର ଉଦୟପୁରଠାରେ ୧୨ମହାରେଜିମେଣ୍ଟ ଯୋଗଦେଲି। ଏହାପରେ ଜମ୍ମୁକଶ୍ମୀର ସମେତ ଅନ୍ୟାନ୍ୟ ଜାଗାରେ ସୈନିକ ଭାବେ କାର୍ଯ୍ୟକଲି। ୮–ୱାନ ଏମ୍ଏମ ମୋଟର ପ୍ଲାଟୁନ୍ (ତୋପ ) ଚଳାଉଥିଲି। ମାତ୍ର ୧୯୯୯ କାର୍‌ଗିଲ ଯୁଦ୍ଧ ବେଳେ ମସ୍କୋ ହିଲ୍‌ର ଦରଘା ସେକ୍ଟରରେ ପାକିସ୍ତାନୀ ସୈନ୍ୟଙ୍କୁ ଆମ ମହାରେଜିମେଣ୍ଟର ସୈନ୍ୟମାନେ ପ୍ରବଳ ଗୁଳିବର୍ଷଣକରି ନିପାତ କରିଥିଲୁ। ଏଥିରେ ଆମର ଶ୍ରୀନିବାସ ପାତ୍ର ଏବଂ ଏସ୍. ଏନ. ମିଲିକଙ୍କ ସମେତ ଆହୁରି ଏକାଧିକ ବୀର ଯବାନ ଶହୀଦ ହେଲେ। ଏକଥା କେବେ ବି ମନରୁ ଲିଭିବ ନାହିଁ । ପ୍ରତିବର୍ଷ ଜୁଲାଇ ୨୬ରେ ଆମ ଗାଁରେ ଭାରତୀୟ ପୂର୍ବତନ ସେନାନୀ ସଂଘ ଦ୍ୱାରା କାର୍‌ଗିଲ ବିଜୟ ଦିବସ ପାଳନ କରି ଆସୁଛୁ।

**ବିଜୟ ଦିବସରେ ଖୁସି ମନାଇଥିଲୁ–** ମୋର ନାଁ ବିଜୟ ସାମନ୍ତରାୟ, ୧୯୭୨ ମସିହାରେ ଏୟାର ଫୋର୍ସରେ ଯୋଗଦେଲି। ପ୍ରଥମେ କର୍ନାଟକର ବେଲଗାଁରେ ଟ୍ରେନିଂ ନେଇଥିଲି। ପରେ ଚଣ୍ଡିଗଡ଼, ଦିଲ୍ଲୀ, ଖଡଗପୁର, କାନପୁର, ଭୁଜ, ମହୀଶୂର ଓ ବେଗମପେଟରେ ଚାକିରି ଜୀବନ ବିତାଇଲି। ୨୦୧୧ରୁ ସେବାନିବୃତି ହୋଇସାରିଲାଣି। ପ୍ରଥମେ ଏୟାରମ୍ୟାନ ର୍ୟାଙ୍କ୍‌ରେ ରହିଥିଲି । ଫ୍ଲାଇଙ୍ଗ ଫାଇଟର ର୍ୟାଙ୍କ୍‌ରେ ଥିଲି। ଗୋଟିଏ ଛୋଟ ୟୁନିଟ୍‌ରେ ପୋଷ୍ଟିଂ ହୋଇଥିଲି। ଆମ ୟୁନିଟ୍‌ର କାମ ଥିଲା ଆରବସାଗର ଉପକୂଳେ ଅଞ୍ଚଳର ଭୁଜଠାରୁ ଏକ ମୁନ୍ଦ୍ରାବନ୍ଦର ଯାଏ ରାଡର ସର୍ଭିସ ଦେବା, ଯେଉଁଥିରେ ୨୫ କିମି ପରିଧି ଭିତରେ ବାୟୁସୀମାରେ ଶତ୍ରୁ ପକ୍ଷଙ୍କ ଜାହାଜର ସୂଚନା ଦେବ। ସେଥିପାଇଁ ସତର୍କ ପ୍ରହରୀ ଭାବେ କାର୍ଯ୍ୟ ତୁଲାଇଥିଲି। କିନ୍ତୁ କାର୍‌ଗିଲ ଯୁଦ୍ଧ ସମୟରେ ହଠାତ୍ ଆମକୁ ସୂଚନା ମିଳିଲା ଯେ, ରାଡାର ସହିତ ଆସୋସିଏଟଙ୍କୁ ଧରି ଆମର କେଏଲ୍‌ପି–୧୪ ଲୋକେଶନକୁ ଯିବାକୁ ପଡ଼ିବ । ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ପ୍ରାୟ ୮୦କିମି ଦୂରତା । ରାଡାର ସହିତ ଅନ୍ୟାନ୍ୟ ସାମଗ୍ରୀ ଧରି ପ୍ରତ୍ୟେକ ସେଟ୍ ସହିତ ପ୍ରସ୍ତୁତ ହେଲୁ। ପରଦିନ ପୂର୍ବାହ୍ନ ପ୍ରାୟ ୧୧ଟା ସୁଦ୍ଧା ହାଜିପିରରେ ପହଞ୍ଚିଲୁ। ଭୋକରେ ସମସ୍ତେ ଆଉଟପାଉଟ ହେଉଥାନ୍ତି। ସଙ୍ଗେ ସଙ୍ଗେ ରୋଷେଇ କରି କିଛି ହାଲୁକା ଖାଦ୍ୟ ଖାଇଲୁ। ଆମର ରାଡର ସେଟ୍ ହେଲା। ମାତ୍ର ସେ ଜାଗାରେ ସିଗ୍‌ନାଲ ଆସି ନ ଥିଲା। ତା'ପରେ ଆମେ ସେଠାରୁ କିଛି ଦିନ ପରେ ଅନ୍ୟ ସ୍ଥାନକୁ ଫେରିଥିଲୁ। କାର୍‌ଗିଲ ଯୁଦ୍ଧର ବିଜୟ ପରେ ସମସ୍ତେ ଖୁସି ମନାଇଥିଲୁ। ଚାକିରି ଅବସର ପରେ ପ୍ରତିବର୍ଷ ଗାଁରେ କାର୍‌ଗିଲ ଦିବସକୁ ପାଳନ କରିଆସୁଛୁ।

–ବନବିହାରୀ





## ହାଃ ହାଃ

### ଇଜ୍ଜତ

ବାପା ପୁଅକୁ: ତମ ସାର୍ ମତେ କହୁଥିଲେ ତୁ କାଲେ ୧୦ ଦିନ ହେଲାଣି ସ୍କୁଲ ଯାଉନୁ ?
ପୁଅ: ହଁ, ବାପା ସତ। ମୁଁ ସ୍କୁଲ ଯାଉନି।
ବାପା: ହେଲେ କାହିଁକି ?
ପୁଅ: ତମେ ପରା ଦିନେ କହିଥିଲ, ଗୋଟିଏ ଯାଗାକୁ ବାରମ୍ବାର ଗଲେ ଇଜ୍ଜତ କମିଯାଏ। ସେଥିପାଇଁ ମୁଁ ସ୍କୁଲ ଯିବା ବନ୍ଦ କରିଦେଇଛି।

### ଖାଉଛି

ରମେଶ ଗୋବିନ୍ଦକୁ: ଆରେ ଭାଇ ଆଜିକାଲି କ'ଣ କରୁଛୁ ?
ଗୋବିନ୍ଦ: ଖାଉଛି।
ରମେଶ: କ'ଣ ଏକୁଟିଆ ଏକୁଟିଆ ?
ଗୋବିନ୍ଦ: ଆରେ ପ୍ରତିଦିନ ସ୍ତ୍ରୀର ଗାଳି ଖାଉଛି। ଯଦି ଇଛା ହେଉଛି, ଆସ୍ ତୁ ବି ଖାଇବୁ।

### ବିୟର

ଚିଣ୍ଟୁ ତା' ବାପାଙ୍କ ସହ ଏକ ଫାଇଭ୍ ଷ୍ଟାର ହୋଟେଲକୁ ଯାଇଥାଏ।
ୱେଟର: ସାର୍, କ'ଣ ଆଣିବି ?
ଚିଣ୍ଟୁର ବାପା: ଗୋଟେ ବିୟର ଓ ଗୋଟେ ଆଇସ୍କ୍ରିମ୍।
ଚିଣ୍ଟୁ: ବାପା ଆଇସ୍କ୍ରିମ୍ କାହିଁକି ? ତମେ ବି ତମ ପାଇଁ ଗୋଟେ ବିୟର ଅର୍ଡର କରୁନ।

### ଖାଲି ପେଟ

ଟିକୁ ରିଙ୍କୁକୁ: ତୁ ଖାଲି ପେଟରେ କେତୋଟି କଦଳୀ ଖାଇପାରିବୁ ?
ରିଙ୍କୁ: ମୁଁ ୮ଟା କଦଳୀ ଖାଇପାରିବି।
ଟିକୁ: ଭୁଲ୍ କହିଲୁ। ଗୋଟେ ଖାଇପାରିବୁ।
ରିଙ୍କୁ: କେମିତି ? ମୁଁ ଯେତେଟା ଖାଇପାରିବି ସେତେଟା ତ କହିଲି।
ଟିକୁ: କହିଲୁ ଦେଖି ଗୋଟେ କଦଳୀ ଖାଇବା ପରେ କ'ଣ ତୋ ପେଟ ଖାଲି ରହିବ ? ସେଥିପାଇଁ ତ ତୁ କେବଳ ଗୋଟେ ଖାଇପାରିବୁ।



# ନୟାଗଡ଼ ରାଜବାଟି

ନୟାଗଡ଼ ଲୋକକଥାରୁ ଜଣାଯାଏ ଅଧୁନା ମଧ୍ୟପ୍ରଦେଶର ରୋ ନାମକ ଏକ ସ୍ଥାନରୁ ରାଜା ସୂର୍ଯ୍ୟମଣି ସିଂହ ନାମକ ଜଣେ ରାଜପୁତ ବୀର ଦକ୍ଷିଣ ଭାରତ ଭ୍ରମଣ କରୁଥିଲେ। ପୁରୀ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ସମୟରେ ଆଜିର ନୟାଗଡ଼ ଜିଲ୍ଲା ବାହାଡାଝୋଲା ନିକଟବର୍ତ୍ତୀ ରଳବଗଡ଼ ଠାରେ ପହଁଚିଥିଲେ। ସେଠାରେ ଥିବା ଏକ ଶ୍ରୀଜଗନ୍ନାଥ ମନ୍ଦିରରେ ବିଶ୍ରାମ ନେଉଥିବା ବେଳେ, ନିଶାର୍ଦ୍ଧରେ ଏକ ମହାବଳ ବାଘ ସହ ରାଜାଙ୍କର ସାମନାସାମନି ହୋଇଥିଲା। ରାଜା ସେ ବାଘ ସହ ଲଢ଼ି ତା'ର ଗଣ୍ଡିମୁଣ୍ଡ ଅଲଗା କରିଦେଇଥିଲେ। ହଠାତ ଜଣେ ଦେବୀ ସେଠାରେ ଆବିର୍ଭାବ ହୋଇଥିଲେ। ସେ ବାଉରୀ ଠାକୁରାଣୀ ବୋଲି ନିଜର ପରିଚୟ ଦେଇଥିଲେ। ଯେଉଁ ବାଘଟିକୁ ତୁମେ ହତ୍ୟା କଲ ସେ ମୋର ବାହାନ ଥିଲା ବୋଲି କହିଥିଲେ। ରାଜାଙ୍କୁ ଦେବୀ ବରଦାନ କରିଥିଲେ ଯେ ସେ ଅଧିକ ପରାକ୍ରମୀ ହେବେ।ପରେ ରାଜା ରଳବଗଡ଼ ନାମରେ ରାଜ୍ୟ ସ୍ଥାପନକରି ପୁରୁଷାନୁକ୍ରମେ ଶାସନ କରିପାରିଥିଲେ। ନିହତ ବାଘଟି ମା ବାଉରୀଙ୍କ ବାହନ ଥିବାରୁ ଠାକୁରାଣୀଙ୍କ ନିର୍ଦ୍ଦେଶକ୍ରମେ ବାଘମୁଣ୍ଡ ରାଜ୍ୟର ରାଜକୀୟ ସନ୍ତକ ହୋଇ ରହିଥିଲା। ନୟାଗଡ଼ର ପ୍ରଥମ ରାଜା ଭାବେ ସୂର୍ଯ୍ୟମଣି ସିଂହ ପରିଚୟ ପାଇଲେ। ସୂର୍ଯ୍ୟମଣି ସିଂହ ନିଜର ଶାସନ ମଧ୍ୟରେ କିଛି ବ୍ରାହ୍ମଣ ଶାସନ ବସାଇବା ସହ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ। ନୟାଗଡ଼ ରାଜବଂଶର ଉତ୍ଥାନ ଓଡ଼ିଆ ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଥିଲା। ଏହି ବଂଶର ନବମ ରାଜା ବାଘା ସିଂହ( ଖ୍ରୀ:-୧୪୮୦-୧୫୧୦)ଙ୍କ ସମୟରେ ନୟାଗଡ଼ ଇଷ୍ଟଦେବୀ ମା' ବାଉରୀଙ୍କ ଆଦେଶରେ ରାଜା ବାଘା ସିଂହ,୯ଟି ଗଡ଼ ଜୟ କରି ତଥା ନବ ଦୁର୍ଗର ସମାହାରରେ ଆଜିର ନବଦୁର୍ଗ ତଥା ନୟାଗଡ଼ ଗଡଜାତ ପ୍ରତିଷ୍ଠା କରିଥିଲେ । ମା' ଙ୍କ ଆଦେଶରେ ନିଜିଗଡ଼ (ଆଜିର ନୟାଗଡ଼ ସହର)ରେ ପ୍ରଥମ ରାଜବାଟୀ ନିର୍ମାଣ କରାଯାଇଥିଲା। ଏହା ପ୍ରଥମେ ମାଟି ପଥର ଏବଂ ନଡ଼ା ଛପର ଉଆସ ଥିଲା । ରାଜା ଲଡୁକେଶ୍ୱର ସିଂହ ମାନ୍ଧାତା (ଖ୍ରୀ:୧୮୫୧-୧୮୮୯)ଙ୍କ ଦ୍ୱାରା ଏହାର ଉନ୍ନତୀକରଣ କରାଯାଇ ଇଟା, ଚୂନପଥର ଆଦିର ବ୍ୟବହାରରେ ଏକ ପକ୍କା ଛାତ ଉଆସରେ ପରିଣତ ହୋଇଥିଲା । ଏହା ୫ ଏକର ୨୮ଡିସିମିଲ ଭୂମିରେ ନିର୍ମାଣ କରାଯାଇଥିଲା । ଉଆସ ମଧ୍ୟରେ ସୁନ୍ଦର ରାଣୀଭବନ, ରାଣୀ ପୁଷ୍ପବାଟିକା ସହ ଦରବାର ହଲ, ମା' ବାଉରୀଙ୍କ ମନ୍ଦିର, ରାଜା ଗଦାଧର ସିଂହ( ଖ୍ରୀ:୧୬୯୦-୧୭୨୦)ଙ୍କ ସମୟରେ ଅଣାଯାଇଥିବା ରାମ ଲକ୍ଷ୍ମଣଙ୍କ ନାମରେ ଦୁଇଟି ବିରାଟ ତୋପ ରହିଛି । ଗଡ଼ ଉଆସ ମଧ୍ୟକୁ ଆଗ ପଛ ହୋଇ ଦୁଇଟି ବିରାଟ ପ୍ରବେଶ ଦ୍ୱାର ରହିଛି । ପ୍ରଥମ ପ୍ରବେଶ ଦ୍ୱାରର ଉତ୍ତର ଦିଗରେ ଦରବାର ହଲ ଥିଲା। ଯାହା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏହିଠାରେ ରାଜା ନିଜ କର୍ମଚାରୀଙ୍କ ସହ ଦରବାରି ବିଜେ ହୋଇ ପ୍ରଜାମାନଙ୍କ ଦୁଃଖ ସୁଖ ବୁଝି ସେମାନଙ୍କ ନ୍ୟାୟ ଦେବା ସହ ଦୋଷୀ ମାନଙ୍କୁ ଦଣ୍ଡ ପ୍ରଦାନ କରୁଥିଲେ । ଏହା ପଛକୁ ଉଆସର ଦ୍ୱିତୀୟ ଦ୍ୱାର ରହିଅଛି । ଯାହା ରାଜାଙ୍କ ବ୍ୟକ୍ତିଗତ ଫାଟକ ଥିଲା। ଏହା ଭିତରକୁ ପ୍ରବେଶ କେବଳ ରାଜପରିବାରର ସଦସ୍ୟ ତଥା ତାଙ୍କ ସମ୍ପର୍କୀୟ ମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଗଡ଼ର ଶେଷ ରାଜା ସାହେବ କୃଷ୍ଣଚନ୍ଦ୍ର ସିଂହ ମାନ୍ଧାତା(ଖ୍ରୀ:-୧୯୩୧-୧୯୪୮) ଏବଂ ପାଟ ମହାଦେଇ ରାଣୀ ହେମ ରାଜଲକ୍ଷ୍ମୀଙ୍କ ଦୁରଦୃଷ୍ଟି ତଥା ଆଧୁନିକତାର ପ୍ରଭାବରେ ଉଭୟ ନିଷ୍ପତ୍ତି ନେଇଥିଲେ ତତ୍କାଳୀନ ବ୍ରିଟିଶ ଗୃହ ନର୍ମାଣ ଶୈଳୀରେ ଆଉ ଏକ ନୂତନ ଉଆସ ନିର୍ମାଣ କରିବା ପାଇଁ । ପାଟମହାଦେଈ ରାଣୀ ହେମରାଜଲକ୍ଷ୍ମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୯୩୩ ମସିହାରେ ସହରର ଦକ୍ଷିଣ ପୂର୍ବ ଦିଗରେ ବ୍ରିଟିଶ ଢାଞ୍ଚାରେ ଆଉ ଏକ ଭବ୍ୟ ରାଜଉଆସ ନିର୍ମାଣ କରାଯାଇଥିଲା। ଯାହା ନୟାଗଡ଼ ନୂଆ ରାଜବାଟୀ ନାମରେ ପରିଚିତ। ଏଥିପାଇଁ ଆବଶ୍ୟକ କେତେକ ଲୌହଖୁଣ୍ଟ ଓ ଅତ୍ୟାଧୁନିକ ଉପକରଣ ବିଲାତରୁ ଆସିଥିଲା। ତାହାକୁ ଜଟଣୀ ରେଳଷ୍ଟେସନ ଠାରୁ ଶଗଡ଼ ଦ୍ୱାରା ନୟାଗଡ଼ ଅଣାଯାଇଥିଲା। ଯାହା ଯତ୍ନ ଅଭାବରୁ ପ୍ରାୟ ଅଂଶ ନଷ୍ଟ ହୋଇଆସିଲାଣି। ନୂଆ ରାଜ ଉଆସ ହେବା ପରେ ପୁରୁଣା ରାଜ ଉଆସ ଅଣଦେଖା ହୋଇ ରହିଗଲା। ପୁରୁଣା ରାଜ ଉଆସର ଗଡ଼ଦେବୀ ମା' କନକଦୁର୍ଗାଙ୍କ ମନ୍ଦିର, ରାଧାନାଥ ଜୀଉ, ରାଣୀ ପୁଷ୍କରିଣୀ ଆଦି ଉଆସ ସୀମା ବାହାରେ ରହିଯାଇଛି । ରାଜପରିବାର ଦିଅଁ, ମହିମା ମେରୁ ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର ଆଦି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଏଠାକାର ପୂଜିତ ବିଗ୍ରହମାନ ଅନ୍ୟ ମନ୍ଦିରରେ ପୂଜା ପାଉଛନ୍ତି। ଏହା ବର୍ତ୍ତମାନ ଗଡ଼ର ଶେଷ ରାଜା ସାହେବ କୃଷ୍ଣଚନ୍ଦ୍ର ସିଂହଙ୍କ ପୌତ୍ର ତଥା ରାଜା ବ୍ରଜେନ୍ଦ୍ର ସିଂହଙ୍କ ଜ୍ୟେଷ୍ଠ ପୁତ୍ର ରାଜା ସାହେବ ଗଜେନ୍ଦ୍ର ଚନ୍ଦ୍ର ସିଂହଙ୍କ ଅଧୀନରେ ରହିଅଛି । ବର୍ତ୍ତମାନ ରାଜାଙ୍କ କନିଷ୍ଠ ଭ୍ରାତା କୁମାର ହେମେନ୍ଦ୍ର ଚନ୍ଦ୍ର ସିଂହ( ମୃତ ) ଏବଂ ସାହେବଙ୍କ ପତ୍ନୀ,ରାଣୀ ମା'ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କ ଦ୍ୱାରା ଦୁର୍ଗଟିର ପୁନରୁଦ୍ଧାର କରାଯିବା ସହ ବଳକା ଅଂଶର ଯତ୍ନ ନିଆଯାଉଛି। ବର୍ତ୍ତମାନ ନଅର ମଧ୍ୟରେ ରାଣୀ ଭବନ ଏବଂ ରାଜ ଦରବାରର କିଛି ଭଗ୍ନାବଶେଷ ଦେଖିବାକୁ ମିଳେ । ପୁଷ୍ପ ବାଟିକା,ଦୁଇଟି ତୋପ ସହ ମା' ବାଉରୀ ଦେବୀଙ୍କ ମନ୍ଦିର ଆଜି ବି ଦୁର୍ଗ ମଧ୍ୟରେ ଅକ୍ଷୁଣ୍ଣ ଅବସ୍ଥାରେ ରହିଅଛି । ପୂର୍ବ ଗୌରବର ମୂକ ସାକ୍ଷୀ ରୂପେ ଆଜିବି ଆମ ପୁରୁଣା ରାଜବାଟୀ ନୟାଗଡ଼ ପୁରୁଣା ସହର ମଧ୍ୟରେ ଦଣ୍ଡାୟମାନ ହୋଇରହିଅଛି ।


ରାଜା କୃଷ୍ଣଚନ୍ଦ୍ର ସିଂହ ମାନ୍ଧାତା


ପାଟ ମହାଦେଇ ହେମ ରାଜଲକ୍ଷ୍ମୀ

-ଲୋକନାଥ ମିଶ୍ର



# ଅନନ୍ୟ ବୌଦ୍ଧପୀଠ
# ହେମିସ୍ ମଠ

**ଲଦାଖର ଏକ ପ୍ରସିଦ୍ଧ ବୌଦ୍ଧ ମଠ ହେଉଛି ହେମିସ୍ ମଠ। ସିନ୍ଧୁ ନଦୀ ଅବବାହିକାରେ ଅବସ୍ଥିତ ଏହି ମଠର ଚତୁଃପାର୍ଶ୍ୱରେ ରହିଥିବା ଉଚ୍ଚ ଉଚ୍ଚ ପାହାଡ଼ର ଅପୂର୍ବ ଶୋଭାରାଜିକୁ ଦେଖିବା ବେଶ୍ ମନୋରମ ଲାଗେ। ପ୍ରାଚୀନ ଆଧ୍ୟାତ୍ମିକ ସଂସ୍କୃତି ତଥା ସୁନ୍ଦର ପ୍ରାକୃତିକ ପରିବେଶର ଏକ ଉଲ୍ଲେଖନୀୟ ମିଶ୍ରଣ କୁହାଯାଉଥିବା ଏହି ମଠଟି ବୌଦ୍ଧ ଧର୍ମାବଲମ୍ବୀ ବ୍ୟକ୍ତିଙ୍କ ପାଇଁ ଏକ ସୁନ୍ଦର ପର୍ଯ୍ୟଟନସ୍ଥଳୀ କହିଲେ ଭୁଲ୍ ହେବନାହିଁ...**



ଅନନ୍ୟ ବୌଦ୍ଧ ପୀଠ ହେମିସ୍ ମଠ ; ଯାହାକି ଲଦାଖର ସିନ୍ଧୁ ନଦୀ କୂଳରେ ଅବସ୍ଥିତ। ଏହା ସ୍ଥାନୀୟ କ୍ଷେତ୍ରର ସବୁଠାରୁ ବଡ଼ ତଥା ସବୁଠୁ ଲୋକପ୍ରିୟ ବୌଦ୍ଧ ମଠ ଭାବେ ବେଶ୍ ପରିଚିତ। ଉଚ୍ଚ ଉଚ୍ଚ ପାହାଡ଼ ଦ୍ୱାରା ଘେରି ହୋଇ ରହିଥିବା ଏହି ମଠର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେମିତି ମନୋରମ ଲାଗେ ଠିକ୍ ସେମିତି ଏଠାକାର ଶାନ୍ତ ପରିବେଶ ମନକୁ ବେଶ୍ ଶାନ୍ତି ପ୍ରଦାନ କରିଥାଏ। ସେଥିପାଇଁ ବର୍ଷର ବିଭିନ୍ନ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଗହଳି ପରିଲକ୍ଷିତ ହୋଇଥାଏ।

**ଇତିହାସ**


ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ହେମିସ୍ ମଠର ନିର୍ମାଣ କୁଆଡ଼େ ଏକାଦଶ ଖ୍ରୀଷ୍ଟାବ୍ଦ ସମୟରେ ହୋଇଥିଲା। କିନ୍ତୁ ସମୟକ୍ରମେ ଏହାର ନିର୍ମାଣଶୈଳୀ ପୁରୁଣା ହୋଇଯିବା ସହ ମଠର ସୌନ୍ଦର୍ଯ୍ୟକରଣ କରିବା ପାଇଁ ୧୬୭୨ ମସିହାରେ ଲଦାଖୀ ରାଜା ସେଙ୍ଗେ ନାମଗୟାଲ୍ ମଠର ପୁନର୍ନିର୍ମାଣ କରାଇଥିବା ସୂଚନା ରହିଛି।



**ମଠର ବାସ୍ତୁକଳା**

ହେମିସ୍ ମଠ ଏକ ବିସ୍ମୟକାରୀ ସ୍ଥଳ ; ଯାହାକି ତିବ୍ବତୀ ବାସ୍ତୁକଳାରେ ନିର୍ମିତ ହୋଇଥିବା ଜଣାଯାଏ। ଏହି ମଠକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗରେ ସଭା, ଭଜନ ଆଦି ପ୍ରୋଗ୍ରାମ୍‌ର ଆୟୋଜନ କରାଯାଉଥିବାବେଳେ ଦ୍ୱିତୀୟ ଭାଗ ବା ମୁଖ୍ୟ ଭାଗଟିରେ ଭଗବାନ ବୁଦ୍ଧଙ୍କର ଏକ ସୁନ୍ଦର ତାମ୍ର ପ୍ରତୀମା ଥିବାର ଦେଖାଯାଇଥାଏ। ତା'ଛଡ଼ା ଏହି ମଠର ସମସ୍ତ ଖମ୍ବଗୁଡ଼ିକୁ ଅତି ସୁନ୍ଦର ଧାର୍ମିକ ଆକୃତି ଦ୍ୱାରା ଚିତ୍ରିତ







କରାଯାଇଥିବା ଦୃଶ୍ୟ ବି ବେଶ୍ ଆକର୍ଷକ ଲାଗିଥାଏ। କେବଳ ସେତିକି ନୁହେଁ, ଏହି ମଠ ପରିସରରେ ତିବେତାନ ଧାର୍ମିକ ପୁସ୍ତକଗୁଡ଼ିକର ଏକ ପୁସ୍ତକାଳୟ ଥିବାର ମଧ୍ୟ ଦେଖାଯାଇଥାଏ।

**ମୁଖ୍ୟ ଉତ୍ସବ**

ହେମିସ୍‌ର ମୁଖ୍ୟ ଉତ୍ସବ ବୌଦ୍ଧ ଭଗବାନ ପଦ୍ମସମ୍ଭବଙ୍କୁ ସମର୍ପିତ ; ଯାହାଙ୍କର ବାସ୍ତବିକ ନାମ ଗୁରୁ ରିନପୋଚେ ଥିବା ସୂଚନା ରହିଛି। ମଠରେ ଏହି ଉତ୍ସବକୁ ତାଙ୍କର ଜୀବନ, ସ୍ମୃତି ତଥା ଯୋଗଦାନକୁ ମନେ ପକାଇବା ପାଇଁ ପାଳିତ ହୋଇଥାଏ। ବିଶେଷକରି ଜୁନ୍, ଜୁଲାଇ ମାସରେ ଏହି ଉତ୍ସବକୁ ଖୁବ୍ ଜାକଜକମରେ ଏଠାରେ ପାଳନ କରାଯାଇଥାଏ। ଏହି ସମୟରେ ସ୍ଥାନୀୟ ଲୋକମାନେ ପାରମ୍ପରିକ ତିବ୍ବତୀ ଲୁଗା ପରିଧାନ କରି ପବିତ୍ର ତିବ୍ବତୀ ନୃତ୍ୟ ପ୍ରଦର୍ଶନ କରିଥାନ୍ତି ; ଯାହାକୁ ଏହି ଉତ୍ସବର ଏକ ମୁଖ୍ୟ ଆକର୍ଷଣ ବୋଲି କୁହାଯାଇଥାଏ।

**କିଛି ଜାଣିବା କଥା**

✼ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ମଠ ପ୍ରତିଦିନ ସକାଳ ୮ଟାରୁ ମଧ୍ୟାହ୍ନ ୧ଟା ଏବଂ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ଯାଏ ଖୋଲା ରହିଥାଏ।

✼ ଏଠାକାର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଷୟବସ୍ତୁକୁ ଭଲ ଭାବେ ବୁଝିବା ପାଇଁ ୨/୩ ଦିନ ଛୁଟି ନେଇ ଆରାମରେ ବୁଲିଯିବା ଏକ ଉତ୍ତମ ପଦକ୍ଷେପ ହୋଇପାରେ।

✼ ଏଠାକୁ ବୁଲିଯିବା ପାଇଁ ମେ'ରୁ ସେପ୍ଟେମ୍ବର ସବୁଠୁ ଉପଯୁକ୍ତ ସମୟ ହୋଇଥାଏ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ମନୋରମ ରହିଥାଏ। ତା'ଛଡ଼ା ଶୀତଦିନେ ଏଠାରେ ପ୍ରବଳ ଶୀତ ସାଙ୍ଗକୁ ତୁଷାରପାତ ହେଉଥିବାରୁ ଏହି ସମୟରେ ଏଠାକୁ ନ ଯିବା ଭଲ ବୋଲି ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ର ତରଫରୁ ମତ ଦିଆଯାଇଥାଏ।

✼ ମଠ ମଧ୍ୟକୁ ପ୍ରବେଶ କରିବା ପାଇଁ ସ୍ୱଳ୍ପ କିଛି ପ୍ରବେଶ ଶୁଳ୍କ ଦେବାକୁ ହୋଇଥାଏ। କ୍ୟାମେରା ପ୍ରବେଶ ପାଇଁ ବି ଅନୁମତି ନେବାକୁ ପଡ଼ିଥାଏ।

**କେମିତି ଯିବେ**

ଲେହ୍‌ଠାରେ ଥିବା କୁଶୋକ ବକୁଲା ରିମ୍ପୋଚେ ଏୟାରପୋର୍ଟ ହେଉଛି ହେମିସ୍ ମଠର ନିକଟତମ ବିମାନବନ୍ଦର ; ଯାହା ପ୍ରାୟ ୪୨ କି.ମି. ଦୂରରେ ଅବସ୍ଥିତ। ସେଠାରୁ ବସ୍, ଟ୍ୟାକ୍ସି, ଅଟୋ ଯୋଗେ ଜଣେ ସହଜରେ ଯାଇ ଉକ୍ତ ମଠ ନିକଟରେ ପହଞ୍ଚିପାରିବ। କିନ୍ତୁ ଟ୍ରେନ୍‌ରେ ଯିବା ପାଇଁ ଏଠାକୁ କୌଣସି ସୁବିଧା ନାହିଁ। ଅଥଚ ବସ୍ ଯୋଗେ ଜଣେ ସହଜରେ ହେମିସ୍ ମଠକୁ ବୁଲି ଯାଇପାରିବେ।

# କାର୍ ବେଡ୍



କେହି କେହି ଏତେ ଅଳସୁଆ ହୋଇଥାଆନ୍ତି ଯେ, ଶେଯରୁ ଉଠିବା ସେମାନଙ୍କୁ ଭାରି କଷ୍ଟ ଲାଗେ । ସେମାନେ ସବୁବେଳେ ଶୋଇ ରହିବାକୁ ଚାହାନ୍ତି । ଆଉ କାମ ବି ଆପେ ହେଇ ଯାଉ ଚାହାନ୍ତି । ବୋଧହୁଏ ଖାସ୍ ଏହିଭଳି ମଣିଷଙ୍କ ପାଇଁ ତିଆରି ହୋଇଛି ଏହି କାର୍ ବେଡ୍ । ଭାବୁଥିବେ ଏହା ପୁଣି କ'ଣ ? ପ୍ରକୃତ କଥା ହେଲା ଏହା ହେଉଛି ଏମିତି ଏକ ବେଡ୍, ଯାହାକି କାର୍ ଭଳି ଚାରିଆଡେ ଯାଇପାରେ । ଏମିତିକି ଶିଢ଼ି ବି ଚଢିପାରେ ଓ ଓହ୍ଲାଇପାରେ ।  ଚାଇନାର ଗୁ ୟୁପେଙ୍ଗ ନାମକ ବ୍ୟକ୍ତି ଏହି କାର୍ ବେଡକୁ ତିଆରି କରିଛନ୍ତି । ସେ ପ୍ରାୟ ୭ ବର୍ଷ ନିରୋଳା ପାହାଡିଆ ଅଞ୍ଚଳରେ ବିତାଇଥିଲେ । ଏହି ସମୟରେ ସେ ଅନେକ ପ୍ରକାରର ବାହନ ତିଆରି କଲେ । ତନ୍ମଧ୍ୟରୁ ଏହି କାର୍ ବେଡ ଅନ୍ୟତମ । ଯେଉଁ ବେଡରେ ୟୁପେଙ୍ଗ ଶୋଇ ରହି କାର୍‌ରେ ଗଲା ଭଳି ବଜାର ଯାଇପାରୁଛନ୍ତି । ଶିଡି ଚଢି ଓ ଓହ୍ଲାଇ ପାରୁଛନ୍ତି । ବିଭିନ୍ନ ପ୍ରକାରର ଭୂମି ଯେମିତିକି ଖାଲ, ଢିପ, କାଦୁଅ ଓ ପାଣି ଜମିଥିବା ରାସ୍ତାରେ ବି ସେ ଆରାମରେ ଶୋଇ ରହି ଯାଇପାରୁଛନ୍ତି । ୟୁପେଙ୍ଗ କହନ୍ତି, 'ପିଲାଦିନୁ ଏଭଳି ଏକ ଗାଡି ତିଆରି କରିବି ବୋଲି ଯୋଜନା କରିଥିଲି । କାରଣ ସକାଳୁ ଉଠି ସ୍କୁଲ ଯିବାକୁ ମତେ ଭାରି କଷ୍ଟ ହେଉଥିଲା । ଚାହୁଁଥିଲି ବିଛଣାରେ ଶୋଇ ଶୋଇ ସ୍କୁଲ ଯାଇ ହୁଅନ୍ତା କି ।' ପରେ ବଡ଼ ହେବାପରେ ସେ ନିଜର ଏହି ଆଶାକୁ ପୂରଣ କଲେ । ଏହାକୁ ତିଆରି କରିବା ଲାଗି ସେ ଅନାବଶ୍ୟକ ହୋଇ ପଡି ରହିଥିବା ଧାତୁ, ସେକେଣ୍ଡ ହ୍ୟାଣ୍ଡ ବାହନର ବିଭିନ୍ନ ପାର୍ଟସ୍ ବ୍ୟବହାର କରିଛନ୍ତି । ଏହି କାର୍ ବେଡ ରୋଗୀଙ୍କ ପାଇଁ ବି ବେଶ୍ ସହାୟକ ହେବ ।



# ରେଫ୍ରିଜିରେଟର୍‌ର ଇତିହାସ

**ଆମ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଛି ରେଫ୍ରିଜିରେଟର୍। ଏହା ବିନା ଦିନଟିଏ ବି ଚଳିବା ଯେମିତି ଅସମ୍ଭବ । ପନିପରିବା, ଖାଦ୍ୟ ସାମଗ୍ରୀଠୁ ଆରମ୍ଭ କରି କିଛି ଔଷଧ, ପ୍ରସାଧନ ସାମଗ୍ରୀ ଆଦି ରେଫ୍ରିଜିରେଟର୍‌ରେ ରଖାଯାଉଛି। ତେବେ ଜାଣନ୍ତି କି ଏହି ଅତି ଆବଶ୍ୟକୀୟ ଜିନିଷଟିକୁ କିଏ ଓ କେବେ ତିଆରି କରିଥିଲେ ? ଜାଣନ୍ତୁ ସେ ସମ୍ପର୍କରେ..**

ଆଧୁନିକ ରେଫ୍ରିଜିରେଟରର ଉଦ୍ଭାବନ ପୂର୍ବରୁ ପ୍ରାଚୀନ ସଭ୍ୟତାର ଲୋକେ ଖାଦ୍ୟକୁ ସଂରକ୍ଷଣ କରିବା ପାଇଁ ଜଳବାୟୁ ଅନୁଯାୟୀ ପାଖରେ ଉପଲବ୍ଧ ଥିବା ପ୍ରାକୃତିକ ଶୀତଳୀକରଣ ପଦ୍ଧତିକୁ ବ୍ୟବହାର କରୁଥିଲେ । ସେମାନେ ସିଧାସଳଖ ନଦୀ ଏବଂ ହ୍ରଦର ଥଣ୍ଡା ପାଣିରେ କିମ୍ବା ବରଫ ଘର କରି ଖାଦ୍ୟ ସଂରକ୍ଷଣ କରୁଥିଲେ । ଏହାବାଦ ଭୂତଳରେ ଗର୍ତ୍ତ କରି ତାକୁ ତୁଷାର କିମ୍ବା ବରଫରେ ପରିପୂର୍ଣ୍ଣ କରି ତା'ଉପରେ ନଡ଼ା କିମ୍ବା କରତ ଭଳି ଇନସୁଲେଟିଂ ସାମଗ୍ରୀ ଆଚ୍ଛାଦିତ କରି ଖାଦ୍ୟ ସଂରକ୍ଷଣ କରାଯାଉଥିଲା ।

ଯଦି ବରଫ କିମ୍ବା ତୁଷାରର ବିକଳ୍ପ ନ ଥିଲା, ତେବେ ପାଣି ତଳେ




କିମ୍ବା ଭୂତଳ ସଂରକ୍ଷଣ, ଯେପରିକି ଥଣ୍ଡା କୋଠରୀ ଶୀତଳୀକରଣ ପ୍ରଦାନ କରୁଥିଲା । ଲୋକମାନେ ଆଇସ୍ ବକ୍ସ ମଧ୍ୟ ତିଆରି କରୁଥିଲେ । ଯାହାକୁ କି ଇନସୁଲେଟେଡ ବାକ୍ସରେ ବରଫ କିମ୍ବା ବରଫ ଖଣ୍ଡ ରଖି ତା'ଉପରେ କରତ କିମ୍ବା ସାମୁଦ୍ରିକ ଶୈବାଳ ଭଳି ପ୍ରାକୃତିକ ସାମଗ୍ରୀ ରଖି ତିଆରି କରାଯାଉଥିଲା । ପରେ ୧୭୪୮ ମସିହାରେ ସ୍କଟଲାଣ୍ଡର ଚିକିତ୍ସକ ଏବଂ ପ୍ରଫେସର ୱିଲିୟମ କଲେନ ପ୍ରଥମ ଥର ପାଇଁ ଇଭାପୋରେଟିଂ କୁଲିଂ ମାଧ୍ୟମରେ ଆର୍ଟିଫିସିଆଲ ରେଫ୍ରିଜିରେସନ୍ ବା କୃତ୍ରିମ ଶୀତଳୀକରଣର ନିରୀକ୍ଷଣ ସହ ପ୍ରଦର୍ଶନ କରିଥିଲେ । କିନ୍ତୁ ଏହି ପଦ୍ଧତିକୁ ସେ ବ୍ୟବହାରରେ ଲଗାଇ ନ ଥିଲେ । ୧୭୫୫ରେ ସେ ଏକ ଛୋଟ ରେଫ୍ରିଜିରେଟିଂ ମେସିନ ଡିଜାଇନ୍ କରିଥିଲେ ।

୧୮୦୦ ଦଶକରେ ଆଇ୍‌ସବକ୍ସ ନିର୍ମାଣ ହେଲା, ଯାହାକି ଆଧୁନିକ ରେଫ୍ରିଜରେଟର ପରି ଦେଖାଯାଉଥିଲା । ସେ ସମୟରେ ତାହା ବେଶ୍ ଲୋକପ୍ରିୟ ହୋଇଥିଲା । ଏଥିରେ ଏକ ଟ୍ରେ କିମ୍ବା କମ୍ପାର୍ଟମେଣ୍ଟ ସହିତ ଇନସୁଲେଟେଡ ଧାତୁ କିମ୍ବା କାଠର କ୍ୟାବିନେଟ ଗଠନ କରାଯାଉଥିଲା, ଯେଉଁଥିରେ ଏକ ବଡ଼ ବରଫ ଖଣ୍ଡ ରଖାଯାଉଥିଲା । ୧୮୦୫ ମସିହାରେ ଆମେରିକାର ଉଦ୍ଭାବକ ଓଲିଭର୍ ଇଭାନ ବରଫ ତିଆରି ପାଇଁ ଏକ କ୍ଲୋଜ୍‌ଡ ଭାପର୍ କମ୍ପ୍ରେସନ୍ ରେଫ୍ରିଜିରେସନ୍ ସାଇକେଲ ବିଷୟରେ କହିଥିଲେ । ୧୮୩୪ ମସିହାରେ ଜାକବ ପର୍କିନ୍ସ ରେଫ୍ରିଜରେଟର ପାଇଁ ପ୍ରଥମ ଭାପର୍ କମ୍ପ୍ରେସନ୍ ପଦ୍ଧତି ବା ବାଷ୍ପ



ସଙ୍କୋଚନ ପ୍ରଣାଳୀ ଉଦ୍ଭାବନ କରିଥିଲେ । ୧୮୭୬ ମସିହାରେ କାର୍ଲ ଭନ ଲିଣ୍ଡେ କୃତ୍ରିମ ରେଫ୍ରିଜିରେସନ୍‌ରେ ବ୍ୟବହୃତ ଗ୍ୟାସଗୁଡ଼ିକୁ ତରଳ କରିବା ପାଇଁ ଏକ ନୂତନ ପ୍ରକ୍ରିୟାର ପେଟେଣ୍ଟ କରିଥିଲେ । ୧୯୧୩ ମସିହାରେ ଆମେରିକୀୟ ଫ୍ରେଡ ଡବ୍ଲୁ. ୱଲ୍ଫ ପ୍ରଥମ ଘରୋଇ ବୈଦ୍ୟୁତିକ ରେଫ୍ରିଜିରେଟର ଉଦ୍ଭାବନ କରିଥିଲେ,ଯେଉଁଥିରେ ଏକ ବରଫ ବାକ୍ସ ଉପରେ ଏକ ରେଫ୍ରିଜିରେଟର ୟୁନିଟ ଥିଲା । ୧୯୧୮ ମସିହାରେ ୱିଲିୟମ ସି. ଡୁରାଣ୍ଟ ଏକ ସ୍ୱୟଂସମ୍ପୂର୍ଣ୍ଣ କମ୍ପ୍ରେସର ଥିବା  ପ୍ରଥମ ଘରୋଇ ରେଫ୍ରିଜରେଟର୍‌ର ବହୁଳ ଉତ୍ପାଦନ ଆରମ୍ଭ କରିଥିଲେ । ଆଉ ୧୯୨୭ ମସିହା ବେଳକୁ ଘରୋଇ ରେଫ୍ରିଜିରେଟରର ଲୋକପ୍ରିୟତା ସମଗ୍ର ଆମେରିକାରେ ବ୍ୟାପକ ଭାବେ ଦେଖିବାକୁ ମିଳିଲା ।

ଅଧିକ ଲୋକ ସହରଗୁଡ଼ିକୁ ସ୍ଥାନାନ୍ତରିତ ହେବା ଏବଂ ଖାଦ୍ୟ ଉତ୍ସରୁ ଦୂରେଇ ରହିବା ଯୋଗୁଁ ଘରୋଇ ରେଫ୍ରିଜରେଟରର ଆବଶ୍ୟକତା ବଢିଲା । ଆଉ କାଳକ୍ରମେ ଏଥିରେ ଅନେକ ପରିବର୍ତ୍ତନ ଆସିଲା । ନୂଆ ନୂଆ ସୁବିଧା ସହ ଭିନ୍ନ ଭିନ୍ନ ଡିଜାଇନ୍‌ର ରେଫ୍ରିଜିରେଟ୍‌ର ତିଆରି ହେଲା ।



# ପ୍ରଭୁଙ୍କ ନିନ୍ଦା, ମୋ ମୁଣ୍ଡ ବିନ୍ଧା !



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

ଆଜିକାଲି ପ୍ରାୟ ଲୋକେ ପ୍ରଭୁଙ୍କୁ ପ୍ରତିଦିନ ବିଭିନ୍ନ ପ୍ରକାରିଆ ଅଭିଯୋଗକରି ଗାଳିଦେଉଛନ୍ତି ଯେ- ମୋ ଦୁଃଖ କ'ଣ ଦେଖିପାରୁନା, ନା ମୋ ଡାକ ଶୁଣିପାରୁନା ? ମୋ ଭଳିଆ ଦୁଃଖୀ ଦୁନିଆରେ କେହି ନାହାନ୍ତି । ସମସ୍ତଙ୍କୁ ସବୁ ଦେଉଛ, ଅଥଚ ମତେ କିଛି ଦେଉନ.. ଇତ୍ୟାଦି । ଏମିତିକା ବହୁ କମ୍ପ୍ଲେନ୍ ଶୁଣି ଶୁଣି ମୁଁ ଆଉ ସହି ନ ପାରି ଭଗବାନ୍‌ଙ୍କୁ କାତର ଭାବରେ ଜଣେଇଲି ।

ଭଗବାନ୍ ବହୁ କାର୍ଯ୍ୟବ୍ୟସ୍ତ ଭିତରୁ ସମୟ କାଢ଼ି ସପନରେ ଦେଖାଦେଇ କହିଲେ, ଆରେ ବାବୁ! ମୁଁ ସବୁ ଭକତଙ୍କ କଥା, ଯେତେ ଯିଏ ଅଧୀର ହୋଇ କୁହନ୍ତି, ବଧିର ନ ହୋଇ ଧୈର୍ଯ୍ୟ ଧରି ଶୁଣେ । ମାତ୍ର ବାଧ୍ୟ ହୁଏନି ସବୁ ଅଭିଯୋଗର ପ୍ରାର୍ଥନା ପୂରଣ ପାଇଁ । କାହିଁକି ଜାଣୁ ? କହିଲି ନା । ଜାଣିଥିଲେ ତମକୁ ବାଧିଲା ଭଳିଆ କଥା ଶୁଣି ତାଙ୍କୁ ଉତ୍ତର ନ ଦେଇ, ତମକୁ ପଚାରନ୍ତି ଭଲା କାହିଁକି ? ପ୍ରଭୁ କହିଲେ, ଏଇ ମଣିଷଙ୍କ ପାଇଁ ଯେତେ କଲେ ଯେତେ ଦେଲେ ବି ନିନ୍ଦୁକ ବୁଦ୍ଧି ତାଙ୍କର ଯିବନି । ଦେଖୁନ, ବାପା-ମାଆ ପିଲା ପାଇଁ କ'ଣ ନ କରନ୍ତି, କ'ଣ ବା ନ ଦିଅନ୍ତି ! ହେଲେ ସେଇ ପିଲା ବଡ଼ ହୋଇ ମୁଣ୍ଡକୁ ହାତ ପାଇଲେ, ବୋପା-ମାଆଙ୍କୁ କହେ.. ତମେ ମୋ ପାଇଁ କଅଣ କରିଛ କି ? ସେମିତି ମୁଁ ଏଇ ସୃଷ୍ଟି କରିବା ବେଳେ ତମ ପାଇଁ ଆଗୁଆ ପାଣି, ପବନ ଓ ମାଟି ସୃଷ୍ଟି କଲି । ନିଆଁ ଭିତରେ ଉତ୍ତାପ, ଫୁଲରେ ବାସ, ଖାଦ୍ୟରେ ରସ ଭରିଦେଲି । ତମେ ବକତେ ହୋଟେଲରେ ଖାଇଲେ କେତେ ଟଙ୍କା ଗଣିଦିଅ । ମ୍ୟୁନିସିପାଲିଟି ପାଣି କି ବିଜୁଳି ବିଭାଗର ଆଲୁଅ କି ଫ୍ୟାନ୍ ବା ଏସି ପବନ ପାଇଁ ପରା ମାସକୁ ମାସ ମୋଟା ଟଙ୍କା ପୈଠ ନ କଲେ ସବୁ ଅଚଳହେଇ କଷ୍ଟରେ ଛଟପଟ ହୁଅ ! ମାତ୍ର କୋଉ କାଳରୁ ମୁଁ ପାଣି ପବନ ଆଲୋକ..ସବୁ ଫ୍ରି'ରେ ଦେଇ, ପୁଣି 'କିଛି କରୁନି.. କିଛି ଦେଉନି' ଏଇ ନିନ୍ଦା ଶୁଣୁଛି ! ତମକୁ ଜନମ ଦେବା ଆଗରୁ ମା' ସ୍ତନରେ ଅମୃତ ସଞ୍ଚିଲି । ଫୁଲ ଫଳ ଛାୟା ଦେଲି । ଏମିତିକି ମନ ଭରି ଗାଧେଇବ, ଫସଲ କରିବ କି ପାଣି ପିଇବ ବୋଲି ନଦୀ ଝରଣା ଗଢ଼ିଲି । ବଡ଼ ବଡ଼ ସମୁଦ୍ର ସୃଷ୍ଟି କଲି । ବୃଷ୍ଟି ପାଇଁ ଖରା କରେଇ ବାଦଲକୁ ଆକାଶରେ ରଖେଇ ଚାରିଆଡ଼େ ଜଳ ଭରେଇ ଯେତେ ମଙ୍ଗଳ କଲି, ଆଖି କି କ'ଣ ଦିଶିଲାନି ମତେ ନିନ୍ଦା ଗାଳି ଦେବା ଆଗରୁ ? ତମକୁ ହାତ ଗୋଡ଼ ଦେଲି, ଦେହରେ ବଳ ଭରେଇଲି, ମୁଣ୍ଡରେ ବୁଦ୍ଧି ବିବେକ, ଦେଖିବାକୁ ଶୁଣିବାକୁ ଶୁଙ୍ଘିବାକୁ ସୁଆଦିଆ ଖାଇବାକୁ, ଆଖି-କାନ-ନାକ-ପାଟି, ତା, ଭିତରେ ଦାନ୍ତ ଜିଭ ବି ସଜେଇ କି ଛାଡ଼ିଲି, ଅଥଚ କିଛି କରୁନି ନିନ୍ଦା ଶୁଣିଲି ! ତମ ମନ ଖୁସି କରିବାକୁ ସଂସାର ଗଢ଼ି ବଂଶ ରଖିବାକୁ ଦିଇ ପ୍ରକାରିଆ ଜୀବ, ସ୍ତିରୀ-ପୁରୁଷ ଗଢ଼ିଲି । ତମେ ସିନା ବୁଦ୍ଧି ବଳ ଖଟେଇ ମନ ଥୟକରି ଦେହର ଇନ୍ଦ୍ରିୟ ଦ୍ୱାରା ସବୁ କରିଲ, ହେଲେ ସେସବୁ କାହାଦିଆ ଦାନ, ଭୁଲିଗଲ ? ମତେ ନିନ୍ଦା କଲ ! ହଉ ଟିକେ ଭଲରେ ଚିନ୍ତାକଲ, -ତମେ କ'ଣ ପ୍ରଭୁ ବୋଲି ମତେ ବଞ୍ଚେଇ ରଖୁଛ ଯେ, ତମର ସବୁ ବିପଦ-ଆପଦରେ ତମକୁ ରଖିବି ! ତମେ କ'ଣ ସତରେ ମତେ ଭଲ ପାଉଛ ? ତୁଣ୍ଡରେ ସିନା ପ୍ରଭୁ ବୋଲି କହୁଛ, ହେଲେ ଅସଲରେ ତମେ ପ୍ରଭୁ ହୋଇ ମତେ ଚାକର କୁକୁରଠାରୁ ବି ହୀନିମାନିଆ କରି ରଖିଛ ! ତମେ ଖାଉଥାଅ ଗଞ୍ଜା କୁକୁଡ଼ା, ମୋ ପାଇଁ କି ଖଞ୍ଜା ନିତି ଉଖୁଡ଼ା ! ତମେ ତମ ପ୍ରେମିକ-ପ୍ରେମିକା, ସ୍ତ୍ରୀ, ପିଲାଛୁଆ, ଧନ ସମ୍ପତ୍ତି, କୋଠାବାଡ଼ି, ସାଙ୍ଗ-ସାଥୀଙ୍କୁ ଯେତିକି ଭଲ ପାଅ, ଯେତେ ସମୟ ତାଙ୍କ କଥା ଭାବ, ଯେତେ ଯୁଆଡ଼େ ବୁଲେଇ କେତେ କେତେ ଭଲ ଜିନିଷ କିଣିଦିଅ, ମାତ୍ର ମତେ ଗୁଞ୍ଜୁଳି ଘରେ ଏକା ରଖିବାକୁ କ'ଣ ସୁଖ ପାଅ ? ସତ କହିଲ.. ମୋ' ପାଇଁ କେତେ ଖର୍ଚ୍ଚ କର, କେତେ ସମୟ ମୋ କଥା ଚିନ୍ତାକର ବା ମୋ ଗୁଣ ଗାନ କି ମୋ ନାମ ଧର ? ଦିନ-ରାତି ତ ସର୍ବାଧିକ ସମୟ ଅର୍ଥ ସଞ୍ଚିବା, ନିଜ ଭାବନା ନିଜ ସ୍ୱାର୍ଥ ପାଇଁ ବ୍ୟସ୍ତ ରହିବାରେ ଗଲା । ଆଉ ମତେ ରଖିଲ କେତେବେଳେ ନା ବଞ୍ଚେଇଲ କୋଉଠି କହିଲ ? ତମେ ଖାଇବାକୁ ମାଗିଲ, ବିଦ୍ୟା ମାଗିଲ, ଧନ ମାଗିଲ, ଚାକିରି ମାଗିଲ, ବେପାର କରିବାକୁ ଚାହିଁଲ, ଘର ତୋଳିବାକୁ କହିଲ, ସବୁ ତମର ଆବଶ୍ୟକତା ଅନୁସାରେ ଦେଲି । ହେଲେ ବଡ଼ ଘରେ ରହି ମତେ କାନ୍ଥରେ ବାଡ଼ିଆ କଣ୍ଢାରେ ଅବା କାନ୍ଥ ଖୋଳାରେ ରଖେଇଲ, ତମେ ଭଲମନ୍ଦ ଖାଇ ମତେ ଫୁଲ ପାଣି ନଇଲେ ଚିନି ଗୁଡ଼ ଟିକେ ଦେଲ ନ ହେଲେ ବାସ୍ନା ନ ଥିବା ଶସ୍ତା ଧୂପ କାଠିଟେ ସୁଙ୍ଘେଇଲେ ବି ମୁଁ ତ କୋଉଦିନ ତମକୁ କମ୍ପ୍ଲେନ୍ କରିନି କି ଘର ଛାଡ଼ି ଯାଇନି । ତମେ କୋଠାଘରେ ଫ୍ୟାନ୍/ଏସି ପବନ ଖାଇ ଖଟ ଗଦିରେ ଆରାମରେ ରହି ମତେ ଗାଁ ମୁଣ୍ଡ ଗଛ ତଳେ ଖରା ବରଷା ଖୁଆଇ ରଖେଇଲ, ଅଥଚ ମୁଁ ସବୁ ସହି ଧୈର୍ଯ୍ୟ ଧରି ରହି ମଙ୍ଗଳ କରି ଆସିଛି । କାହିଁ ତମେ କରିଥିବା ଅତ୍ୟାଚାରରେ ଅସହ୍ୟ ହେଉଛି ବୋଲି ଦିନେ ବି ତ ପ୍ରତିବାଦ କରିନି ! ଅଥଚ ବିନିମୟରେ ତୁମେ ଦେଉଥିବା ଗାଳି ନିନ୍ଦା ସବୁ ସହିଛି । କହିଲ, ତମେ ମୋ ପାଇଁ କ'ଣ କରିଛ, କେତେ ଭଲ ପାଉଚ ଯେ, ମୋ ପାଖରୁ ଏତେ ପାଇବାର ଦାବି ରଖୁଛ ? ହେଲା ! ମୋ କଥା ଛାଡ଼ । ମୋ ସଂସାରରେ ସବୁ ଜୀବଙ୍କ ଭିତରେ ଅବା ପର ଲୋକଙ୍କ ଠେଇଁ ପରମାତ୍ମାଙ୍କୁ କେବେ ଦେଖି, ତାଙ୍କ ପାଇଁ କେତେ ମଙ୍ଗଳ କାମ କରୁଛ କହିଲ ? ତମ ଭିତରେ ଯେବେ ଦୟା ଧର୍ମ ଥାଆନ୍ତା, ତେବେ ନିରୀହ ଜୀବ ମାରି ଖାଆନ୍ତ କି ? ହଁ, ଯେଉଁ ସବୁ ଦାନ ଧର୍ମ କରୁଛ ବୋଲି କହି ବୁଲୁଛ, ତା' ମୂଳରେ ନିଜର ପ୍ରଶଂସା, ଯଶ, ମାନ-ସମ୍ମାନ-ପ୍ରତିଷ୍ଠା ଓ ସ୍ୱାର୍ଥ ଲୁଚି ରହିଛି ବୋଲି ମୋତେ କଅଣ ଅଜଣା କି ? ଆରେ ମୁଁ ପରା ଅନ୍ତର୍ଯ୍ୟାମୀ । ତମ ଭିତରେ ଅନେକେ ସଫେଇ ଦିଅନ୍ତି, ଭଗବାନ କ'ଣ ସତରେ ଖାଆନ୍ତି, ସତରେ ପିନ୍ଧନ୍ତି.. ଇତ୍ୟାଦି । ଯଦି ମୁଁ ସତରେ ଖାଏନି କି ପିଏନି ଅବା ପିନ୍ଧେନି, ତେବେ ମୁଁ ତମ ପାଇଁ ସତରେ ନାହିଁ । ଅର୍ଥାତ୍ ମୁଁ ତମକୁ ସତରେ କେମିତି ବିପଦରେ ରଖିବି.. କହୁନ ? ଯେବେ ମିଛି ମିଛିକା ଖାଏ, ରହେ, ତେବେ ସେମିତି ମିଛରେ ତମ ଦୁଃଖ ପ୍ରାର୍ଥନା ଶୁଣେ । ଆଉ



ଯିଏ ମୋତେ ମୋର ବୋଲି ସତରେ ଭଲପାଏ, ସିଏ ମୋ ସହ..ଦାସ, ସଖା, ପୁତ୍ର-କନ୍ୟା, ପିତା-ମାତା, ଅବା ସ୍ୱାମୀ ଯେଉଁ ଭାବ ଯୋଡ଼େ, ମୁଁ ତା' ସହ ସେତିକି ବିଶ୍ୱାସ ଭକ୍ତି ଭଲପାଇବାର ବନ୍ଧନରେ ବାନ୍ଧିହୋଇ ଲୀଳାକରେ । ସେଭଳି ଭକତ ମତେ ନ ଖୁଆଇଲେ ଖାଏନି, କି ମତେ ବିଶ୍ରାମ ନ ଦେବା ଯାଏଁ ଆପେ ଶୁଏନି । ନୂଆ ଲୁଗା ପିନ୍ଧିବା ଆଗରୁ ମତେ ପିନ୍ଧେଇ, ନିଜେ ପିନ୍ଧେ । ମତେ ନ ଜଣେଇ କୁଆଡ଼େ ଯାଏନି । ଆଉ ଉଚ୍ଚ ଭାବରେ ଯେ ଥାଏ, ସେ ସବୁ ପ୍ରାଣୀ ଭିତରେ ମତେ ଦେଖେ । ତାଙ୍କୁ ବି ମୋ ପରି ଭଲପାଇ ଶକ୍ତି ମୁତାବକ ସେବାକରେ । ଏହାର ଅର୍ଥ.. 'ମୁଁ' ତା'ପାଇଁ ଜୀବନ୍ତ, ସତ୍ୟ, ନିତ୍ୟ-ବର୍ତ୍ତମାନ । ମୁଁ ତା'ର ପ୍ରାଣ, ସିଏ ବି ମୋ ସନ୍ତାନ ମୋ ଜୀବନ । ସେ ମୁହଁ ଖୋଲି କହିବା ଆଗରୁ ତାହାର କାହିଁରେ ମଙ୍ଗଳ, ମୁଁ ଆଗୁଆ ମନ ଜାଣି ପରା କରିଥାଏ ପୂରଣ !

ଆଜିକାଲି ତ ସଂସାରରେ ଯିଏ ନିଜର ବୋଲି ମଣିଷର ଏତେ ଉପକାର କରାନ୍ତି, ତାଙ୍କୁ ଭୁଲିଯାଉଛନ୍ତି, ଏମିତିକି ତାଙ୍କୁ ଶତ୍ରୁ ଭାବି ପାଖରୁ ଦୂରେଇ, ତାଙ୍କ ନିନ୍ଦା ଗାଉଛନ୍ତି । ଜନମ କଲା ମାଆକୁ ଜନ୍ମମାଟିକୁ ଏମିତିକି କଥା ଶିଖେଇଥିବା ମାତୃଭାଷାକୁ ଭୁଲିଯାଉଛନ୍ତି, ଆଉ ମୋ' କଥା ପଚାରେ କିଏ ?


ଏତିକିବେଳେ ଘର ସାମ୍ନାରେ ଯାଉଥିବା ରାସ୍ତାରେ ମାନସିକ ପୂରଣ ପାଇଁ ସଂକଳ୍ପ କରି ଗୁଡ଼ାଏ 'ବୋଲବମ' ମଣିଷ- ଭକତ ନରନାରୀଙ୍କ ଶକତ ଡାକରେ, ମାଇକିର ଉଚ୍ଚ ଗର୍ଜନରେ ସପନ ଭାଙ୍ଗିଲା ପରେ ପ୍ରଭୁଙ୍କ କଥା ଭାବୁଥିଲି । ଅନୁତାପରେ ଆଖିରୁ ଲୁହ ଝରେଇ ମନେ ମନେ କହୁଥିଲି.. ଧନ୍ୟରେ ମଣିଷ ! ତୁ' ମଣ କରେଇବାରେ ଈଶ ... ! ମାନସିକ ପୂରଣ ହେଇଗଲା ପରେ ଆଉ ପଚାରେ କିଏ ? ସବୁ ଭାବ ଭକତି ହେଇଯାଏ ଶେଷ । ଧନ୍ୟ ଧନ୍ୟରେ ମଣିଷ !

-ମଙ୍ଗରାଜ ପୁର, ପୁରୀ
ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଦିବ୍ୟାଲୋକ ସନ୍ଧାନେ

**(ଧର୍ମ, ତତ୍ତ୍ୱ, ଜ୍ଞାନ, ସମ୍ବାଦ ଓ ସଂସ୍କାରମୂଳକ ଆଧ୍ୟାତ୍ମିକ ପତ୍ରିକା) ଜୁଲାଇ- ସେପ୍ଟେମ୍ବର ୨୫ ସଂଖ୍ୟା**
**ମୁଖ୍ୟ ସମ୍ପାଦକ- ଡଃ ଶରତ କୁମାର ରଥ**
**ତେଲେଙ୍ଗାପେଣ୍ଠ, କଟକ, ମୂଲ୍ୟ- ୩୦/-**




ଦୀର୍ଘ ୨୪ ବର୍ଷ ହେବ ପ୍ରକାଶିତ ହୋଇ ଆସୁଥିବା ଓଡ଼ିଶାର ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା "ଦିବ୍ୟାଲୋକ ସନ୍ଧାନେ" ର ଜୁଲାଇ- ସେପ୍ଟେମ୍ବର ୨୫ ସଂଖ୍ୟାରେ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଧାରାବାହିକ ଶ୍ରୀଜଗନ୍ନାଥଙ୍କ କଥା, ରାଜେନ୍ଦ୍ର ମହାପାତ୍ରଙ୍କ ଅନୁପମ ଆଲେଖ୍ୟ " କବିର- ହିମାଳୟର ସଂଗୀତ", ସହ ପଦ୍ମଶ୍ରୀ ରଜତ କର, ଡଃ ଅଭିମନ୍ୟୁ ବରାଳ, ଜ୍ୟୋତିର୍ବିଦ ଦୋଳଗୋବିନ୍ଦ ପଣ୍ଡା, ଅନନ୍ତ ଗୋପାଳ ପଣ୍ଡା, ଲିଙ୍ଗରାଜ ମହାନ୍ତି, ଗୋପାଳ ମିଶ୍ର, ଅଧ୍ୟାପକ ନିରଞ୍ଜନ ପାଢ଼ୀ, ମନୀଷା ରାୟ, ଡାକ୍ତର ଅରବିନ୍ଦ ନନ୍ଦ, ଅଧ୍ୟାପକ ଅଶୋକ କୁମାର ନାୟକ ଆଦି ବହୁ ଲୋକପ୍ରିୟ ଲେଖକଙ୍କ ଆକର୍ଷଣୀୟ ଲେଖାରେ ସମୃଦ୍ଧ ହୋଇଛି ସଂଖ୍ୟାଟି । ପାଠକମାନେ ଚାହିଁ ବସିଥିବା ଶ୍ରୀନାରଦଙ୍କ ସମାଲୋଚନାମୂଳକ ସ୍ତମ୍ଭ "ନାରାୟଣ.. ଶ୍ରୀମନ ନାରାୟଣ" ମଧ୍ୟ ବହୁ ପ୍ରସଙ୍ଗ ଉପରେ ଆଲୋକପାତ କରିଛି । ପ୍ରତ୍ୟେକ ଥର ଭଳି ଏଥର ମଧ୍ୟ ବିଶିଷ୍ଟ ଆଧ୍ୟାତ୍ମିକ ଗ୍ରନ୍ଥକାର ଶ୍ରୀସନ୍ନ୍ୟାସୀ ଜୀ ନିଜ ବହୁଳ ପଠିତ " ସିଂହଦ୍ୱାର " ସ୍ତମ୍ଭ ରେ ଏକ ମନନଶୀଳ ଆଲେଖ୍ୟ ବାଢ଼ିଛନ୍ତି । ପତ୍ରିକାଟି ନିଶ୍ଚିତଭାବେ ପାଠକଙ୍କ ମନକୁ ଛୁଇଁବ ବୋଲି ଆଶା ।

### ଆମ ବିଦ୍ୟାଳୟ ଆମ ଦିବସ

**ଅନ୍ତର୍ଯ୍ୟାମୀ ବେଜ, ପ୍ରକାଶକ- ଦିଲୀପ କୁମାର ବେଉରା**
**ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨**
**ମୂଲ୍ୟ-୧୬୦ଟଙ୍କା**

ସମାଜରେ ସମ୍ପ୍ରତି ଘଟୁଥିବା ଘଟଣାଗୁଡିକ କବି ଅନ୍ତର୍ଯ୍ୟାମୀ ବେଜଙ୍କ ମନକୁ ଆନ୍ଦୋଳିତ କରିଛି । ଯାହାକୁ ସେ କବିତା ମାଧ୍ୟମରେ ପ୍ରକାଶ କରି ଶିକ୍ଷା, ସଂସ୍କୃତି ଓ ନୈତିକ ମୂଲ୍ୟବୋଧକୁ ଆଧାର କରି ସମାଜକୁ ସଂବୋଧନ କରିବା ପାଇଁ ବୈଦ୍ଧିକ ପରିପ୍ରକାଶ କରିଛନ୍ତି । ଯେଉଁଥିରେ ଇତିହାସ, ବିଜ୍ଞାନ, ଦର୍ଶନ, ପ୍ରକୃତି, ଦୁର୍ଗମ ଯାତ୍ରା, ରାଷ୍ଟ୍ରୀୟ ଭାବନା, ସମାଜତତ୍ତ୍ୱ, ଆତ୍ମ ବିଶ୍ୱାସ ଓ ଭାବଧାରା ପ୍ରକାଶ ପାଇଛି । ଯାହାକି ଶିକ୍ଷା କ୍ଷେତ୍ରରେ ଅଭୁଲା ସ୍ମୃତି ହୋଇଛି । ମାତା, ପିତା, ଗୁରୁ ଓ ଜନ୍ମଭୂମିର ଋଣ ଶୁଝିବା ଯଦିଓ ଜଣେ ନାଗରିକର କର୍ତ୍ତବ୍ୟ, କିନ୍ତୁ ନିତି, ଆଦର୍ଶ, ସଦାଚାର, ସ୍ନେହ ତଥା ପ୍ରେମର ମାର୍ଗରେ ତାକୁ ଠିକ୍ ଭାବରେ ପରିଚାଳନା କରି ଶାନ୍ତି ଓ ଅହିଂସା ବଳରେ ସମାଜର କଲ୍ୟାଣ କରିବା ଜଣେ ମଣିଷର ପ୍ରକୃତ ଦାୟିତ୍ୱ ବୋଲି କବି ବେଜ ତାଙ୍କ କବିତାରେ ପ୍ରାଧାନ୍ୟ ଦେଇଛନ୍ତି । ସବୁ କବିତା ଚେତନାଦୀପ୍ତ । ଯେଉଁଥିରେ ଓଡ଼ିଶାର ଭାଷା, ସଂସ୍କୃତି, ଜୀବଜନ୍ତୁ, ପ୍ରାକୃତିକ ସମ୍ପଦର ରକ୍ଷା ଶିକ୍ଷା ବ୍ୟବସ୍ଥାର ସାମଗ୍ରୀକ ଉନ୍ନତି, ଶାସନ ଶୃଙ୍ଖଳା, ସମାଜ ସଂସ୍କାର ଆଦି ବର୍ଣ୍ଣିତ । ଆଶା ପୁସ୍ତକଟି ଛାତ୍ରଛାତ୍ରୀ ଏବଂ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ।



ବ୍ୟାକ୍ ପେଜ୍

# ମାନବ ୱାଶିଂ ମେଶିନ



**ଯେ**ଉଁମାନେ ପ୍ରତିଦିନ ଗାଧୋଇବାକୁ ଭଲ ପାଆନ୍ତି ନାହିଁ, ଅବା ଆଳସ୍ୟବଶତଃ ଗାଧୋଇବାକୁ ଇଚ୍ଛା ହୁଏ ନାହିଁ ସେମାନଙ୍କ ପାଇଁ ଖୁସି ଖବର। ଆସିଯାଇଛି ଏମିତି ଏକ ୱାଶିଂ ମେଶିନ, ଯାହା କପଡା ଧୋଇବ ଭଳି ମଣିଷଙ୍କୁ ଧୋଇବ। ଏହି ମେଶିନ ମଣିଷକୁ ୧୫ ମିନିଟ୍‌ରେ ପାଣିରେ ଭଲଭାବେ ଧୋଇ ସୁଖାଇ ଦେବ। ଫଳରେ ଶରୀର କପଡ଼ା ଭଳି ପୁରା ସଫା ହେଇଯିବ। ଜାପାନର ସାଇନ୍ସ କୋ କମ୍ପାନୀର ଇଞ୍ଜିନିୟରମାନେ ଆର୍ଟିଫିଶିୟାଲ ଇଣ୍ଟେଲିଜେନ୍ସ ବ୍ୟବହାର କରି ଏହି ୱାଶିଂ ମେଶିନ ତିଆରି କରିଛନ୍ତି। ଯାହାର ନାଁ 'ମିରାଇ ନିନଜେନ୍ ସେଣ୍ଟାକୁକି'। ଏହି ମେଶିନ୍ ଶରୀରକୁ ବିଶ୍ଳେଷଣ କରି ସଫା କରିବା ସହ ସୁଖାଇଥାଏ। ମେଶିନ୍‌ଟି ଦେଖିବାକୁ ଫାଇଟର୍



ଜେଟ୍‌ର କକ୍‌ପିଟ୍ ଭଳି। ଏହା ଭିତରେ ମଣିଷ ଆରାମରେ ଶୋଇ ରହିବ। ମେଶିନ୍ ଭିତରେ ଶରୀରକୁ ଧୋଇବା ଲାଗି ୱାଟର୍ ଜେଟସ୍ ଓ ମାଇକ୍ରୋସ୍କୋପିକ ବବଲ୍ସ ବ୍ୟବହାର କରାଯାଏ। ଏହାଦ୍ୱାରା ଶରୀରର ଡିପ୍ କ୍ଲିନିଂ ହୋଇଥାଏ। ଏହା ଭିତରେ ସ୍ନାନ କରିବାବେଳେ ସ୍ପା କରିବା ଭଳି ଅନୁଭୂବ ହେବ। ମେଶିନ୍‌ରେ ଥିବା ଏଆଇ ସେନ୍ସର୍ ପ୍ରତ୍ୟେକଙ୍କ ତ୍ୱଚା ଓ ଫିଜିକାଲ ନିଡ୍ ଅନୁଯାୟୀ ଶରୀରକୁ ଧୋଇଥାଏ। ଆଉ ତାପମାତ୍ରା ଓ ପ୍ରେସର୍‌କୁ ବି ଆଡଜଷ୍ଟ କରେ। ଅର୍ଥାତ୍ ବ୍ୟକ୍ତିଙ୍କ ବାୟୋଲୋଜିକାଲ ଡାଟାକୁ ବିଶ୍ଳେଷଣ କରି ଶରୀରକୁ ବବଲ୍ସ ଦ୍ୱାରା ସଫା କରିଥାଏ। ଉକ୍ତ ମେଶିନ୍‌ରେ ସ୍ନାନ କରିବା ପରେ ବହୁତ ଆରାମ ଲାଗେ। ଯଦି ଏହି ମେଶିନ୍ ବଜାରରେ ଉପଲବ୍ଧ ହୁଏ ଏହାର ଚାହିଦା ନିଶ୍ଚୟ ରହିବ।





# ଚଢ଼େଇଙ୍କ ପାଇଁ ଡାଇପର୍

**ଘ**ରେ ଚଢେଇ ରଖିବାକୁ ଅନେକେ ପସନ୍ଦ କରନ୍ତି। କାରଣ ରଙ୍ଗବିରଙ୍ଗର କୁନି କୁନି ଚଢେଇଙ୍କୁ ଦେଖିଲେ ମନ ଆନନ୍ଦରେ ଭରିଯାଏ। ତା'ସହ ସବୁ ଥକ୍କାପଣ ବି ଦୂରେଇଯାଏ। ହେଲେ ଚଢେଇ ରଖିବାର ଗୋଟିଏ ସମସ୍ୟା ହେଉଛି ସେମାନଙ୍କ ମଳ। ପ୍ରତିଦିନ ସେମାନଙ୍କ ମଳକୁ ସଫା କରିବାକୁ ହୁଏ। ତେଣୁ ଚଢେଇ ରଖିଥିବା ଲୋକେ ଭାବୁଥିବେ ମଣିଷ ଶିଶୁଙ୍କ ପାଇଁ ଯେମିତି ଡାଇପର୍ ଅଛି, ଯଦି ଚଢେଇଙ୍କ ପାଇଁ ବି ଡାଇପର୍ ଥାଆନ୍ତା କେତେ ଭଲ ହେଇଥାନ୍ତା ? ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଚଢେଇଙ୍କ ପାଇଁ ବି ଡାଇପର୍ ଅଛି। ଆଉ ସେହି କୁନି କୁନି ଡାଇପର୍ ବେଶ୍ ରଙ୍ଗିନ ଓ ସୁନ୍ଦର, ଯାହାକୁ ପିନ୍ଧିଲେ ଚଢେଇଗୁଡିକ ଆହୁରି କ୍ୟୁଟ୍ ଦେଖାଯିବେ। ବିଭିନ୍ନ ଡିଜାଇନ୍‌ରେ ଏହି ଡାଇପର୍ ଉପଲବ୍ଧ ହେଉଛି। ଏହାକୁ ଏଭଳି ତିଆରି କରାଯାଇଛି ଯେ, ପକ୍ଷୀ ତାକୁ ଆରାମରେ ପିନ୍ଧିବେ ଓ ସେମାନେ ଆଦୌ ଅସହଜ ମନେ କରିବେ ନାହିଁ। ଫଳରେ ପକ୍ଷୀଙ୍କ ମଳକୁ ନେଇ ଆଉ ଚିନ୍ତା କରିବାକୁ ପଡ଼ିବ ନାହିଁ। ତା'ଛଡା ଏହି ଡାଇପର୍ ଭଲ କ୍ୱାଲିଟିର କପଡାରେ ତିଆରି ହୋଇଛି ଓ ଏହାକୁ ବାରମ୍ବାର ସଫା କରି ପିନ୍ଧାଇ ହେବ। ଏହାର ମୂଲ୍ୟ ବି ପକେଟ୍‌କୁ ସୁହାଇଲା ଭଳି। ତେଣୁ କମ୍ ଖର୍ଚ୍ଚରେ ପକ୍ଷୀଙ୍କ ମଳ ସଫା କରିବାର ଅସୁବିଧାରୁ ମୁକ୍ତି ମିଳିବ।





# ଗରିଲା ମସାଜ

**ସ**ବୁଦିନର ଧାଁ ଦୌଡଭରା ଜୀବନରେ ମଣିଷ ଯେତେବେଳେ ଥକିପଡେ ସେତେବେଳେ ସେ ଚାହେଁ ଶରୀରକୁ କିଛିଟା ଆରାମ ଦେବାକୁ। ଏଥିପାଇଁ ତ କିଏ ସମୟ ପାଇଲେ ଶୋଇଥାନ୍ତି ତ ଆଉ କିଏ ମସାଜ୍‌ର ସାହାଯ୍ୟ ନିଅନ୍ତି। ମସାଜ୍ ଦ୍ୱାରା ଶରୀରର ସବୁ ଥକ୍କାପଣ ଓ କଷ୍ଟ ଦୂର ହୁଏ। ମସାଜ ପୁଣି ଭିନ୍ନ ଭିନ୍ନ ପ୍ରକାରର ଅଛି। ନିଜର ଆବଶ୍ୟକତା ଅନୁସାରେ ବ୍ୟକ୍ତି ମସାଜ୍ ବାଛିପାରିବେ। ତନ୍ମଧ୍ୟରେ ଗରିଲା ମସାଜ୍ ଅନ୍ୟତମ। ଭାବୁଥିବେ ଇଏ ପୁଣି କି ପ୍ରକାରର ମସାଜ ? ଏଥିରେ କ'ଣ ସତସତିକା ଗରିଲା ମସାଜ କରନ୍ତି ? ଏହା ଭାବି ଭୟ କରୁଛନ୍ତି କି। ନା ସେମିତି କିଛି ନୁହେଁ। ଇଣ୍ଡୋନେସିଆ, ଜାକର୍ତ୍ତାର ବାଲି ହେରିଟେଜ ରିଫ୍ଲେକ୍ସୋଲୋଜି ଏବଂ ସ୍ପାରେ ପ୍ରଦାନ କରାଯାଏ ଏହି ଅନନ୍ୟ ମସାଜ। ଏଥିରେ ଜଣେ ଚିକିତ୍ସକ ଗରିଲା ପୋଷାକ ପିନ୍ଧି ମସାଜ ପ୍ରଦାନ କରନ୍ତି। ଉକ୍ତ ମସାଜ୍ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ମାଂସପେଶୀର ଲାଭ ହୁଏ କି ନା ଜଣା ନାହିଁ। ତେବେ ଗ୍ରାହକଙ୍କୁ ଏକ ମଜାଦାର ଅଭିଜ୍ଞତା ଦେବା ଲାଗି ଉକ୍ତ ସ୍ପାର ଏହା ଏକ ଅଭିନବ ଉପାୟ। ଏହି ସ୍ପାରେ ସାପ ମସାଜ ଏବଂ ବିୟର ସ୍ନାନର ବି ସୁବିଧା ପ୍ରଦାନ କରାଯାଏ।